# ଭାଇଙ୍କୁ ଠେଙ୍ଗାରେ ଆକ୍ରମଣ

**ବଇଣ୍ଡା, ୨୧।୩(ସମିସ):** ଠାକୁରଗଡ଼ ଥାନା କନ୍ତପଡ଼ା ଗ୍ରାମର ତପନ ନାୟକଙ୍କୁ ତାଙ୍କ ଭାଇ ଅମୂଲ୍ୟ ନାୟକ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଗୁରୁବାର ତପନଙ୍କ ପତ୍ନୀ ପ୍ରମିଳା ନାୟକ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ, ପ୍ରମିଳା ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଅମୂଲ୍ୟ ଗାଳିଗୁଲଜ କରିଥିଲେ। ଏହି ସମୟରେ ତପନ ଆସି କାହିଁକି ଗାଳିଗୁଲଜ କରୁଛ ବୋଲି କହିବାରୁ ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ତପନ ଗୁରୁତର ଆହାତ ହେବା ପରେ ପ୍ରମିଳା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନମ୍ବର ୬୭/୨୪ ରେ ଏକ ମାମଲା ରୁଜୁ କରାଯାଇଛି।

# ବିଶ୍ୱ ବନୀକରଣ ଦିବସ ପାଳିତ



**କଣିହାଁ, ୨୧।୩(ସମିସ):** କଣିହା ବ୍ଲକସ୍ଥିତ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, କଣିହାଁ ବନାଞ୍ଚଳ ବିଭାଗ ତରଫରୁ ବିଶ୍ୱ ବନୀକରଣ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ କଣିହାଁ ବନାଞ୍ଚଳର ସହକାରୀ ବନ ସଂରକ୍ଷକ ନୀଳମଣି ଦେହୁରୀ, ବନପାଳ ଟିକେଶ୍ୱର ନାୟକ, ହରେକୃଷ୍ଣ ଦେହୁରୀ, ବିଜୟ ନାଏକ, ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଦାଶରଥି ଜେନାଙ୍କ ପୌରୋହିତ୍ୟ କରିଥିଲା ବେଳେ ସଭାରେ କଣିହାଁ ବନାଞ୍ଚଳର ସହକାରୀ ବନ ସଂରକ୍ଷକ ଶ୍ରୀ ଦେହୁରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା କରିଥିଲେ। ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ, ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଜେନା ଗଛର ଉପକାରିତା ସମ୍ପର୍କରେ ବିଭିନ୍ନ ବିଜ୍ଞାନ ଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଇକୋ କ୍ଲବର ବିଜ୍ଞାନ ଶିକ୍ଷକ ଭୀମସେନ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବନ ବିଭାଗ କର୍ମଚାରୀ କବିତା ପ୍ରଧାନ, ମନସ୍ମିତା ସାହୁ, ଜିତେନ୍ଦ୍ର ସାହୁ, କମଳଲୋଚନ ପ୍ରଧାନ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

■ **ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତା**

# ରୌପ୍ୟ ପଦକ ହାସଲ କଲେ ବାପୁନ



**ତାଳଚେର ସଦର, ୨୧।୩(ସମିସ):** ଗତ ମାର୍ଚ୍ଚ ଦୁଇ ତାରିଖରେ ପୁରୀ ଠାରେ କଳିଙ୍ଗ ବଡି ବିଲ୍ଡିଂ ଆସୋସିଏସନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତାରେ ତାଳଚେର ବ୍ଲକ ପଦ୍ମବତୀପୁର ପଞ୍ଚାୟତ ଏକଡାଳ ଗ୍ରାମର ବାପୁନ ବିଶ୍ୱାଳ ରୌପ୍ୟ ପଦକ ହାସଲ କରି ତାଳଚେର ନାମକୁ ଗୌରବାନ୍ୱିତ କରିଛନ୍ତି। ପୁରୀ ଜିଲ୍ଲାର ପୁରୀଠାରେ ରାଜ୍ୟ କଳିଙ୍ଗ ରାଜ୍ୟ ବଡି ବିଲ୍ଡିଂ ଆସୋସିଏସନ ଦ୍ୱାରା ଆୟୋଜିତ ଚନ୍ଦନ ହଜୁରୀ କ୍ଲାସିକ ବଡି ବିଲ୍ଡିଂ ପ୍ରତିଯୋଗିତାରେ ବାପୁନ କୁମାର ବିଶ୍ୱାଳ ଉନ୍ନତମାନର କଳା କୌଶଳ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏକଡାଳ ଗ୍ରାମର ତୀର୍ଥବାସୀ ବିଶ୍ୱାଳଙ୍କ ସୁପୁତ୍ର ହେଉଛନ୍ତି ବାପୁନ କୁମାର ବିଶ୍ୱାଳ। ଆଜି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ତାଙ୍କ ବାସଭବନକୁ ଯାଇ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କ ନିଜ ଗ୍ରାମ ଏକଡାଳ ସହିତ ସମଗ୍ର ତାଳଚେର ଅଞ୍ଚଳରେ ଖେଳିଯାଇଛି ଖୁସିର ଲହରୀ।

## ଆଶା ଆଶଙ୍କାରେ ତାଳଚେର ମେଡିକାଲ କଲେଜ

# ୫ ବର୍ଷ ହେବ ସରିଲାଣି କାମ, ଖୋଲିବାର ନାଁ ଧରୁନି

**ତାଳଚେରସଦର, ୨୧।୩(ସମିସ)**

ତାଳଚେର ଏକ କୋଇଲା ନଗରୀ ଅଞ୍ଚଳ ହୋଇଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟଗତ ଅବସ୍ଥାକୁ ଦୃଷ୍ଟିରେ ରଖି ଏମସିଏଲ ପକ୍ଷରୁ ପ୍ରାୟ ୫ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ମେଡିକାଲ କଲେଜ ନିର୍ମାଣ କରାଯାଇଛି। ମେଡିକାଲ ଚଳାଇବା ନେଇ ସମସ୍ତ ଖର୍ଚ୍ଚ ଏମସିଏଲ ବହନ

● **ରକ୍ଷଣାବେକ୍ଷଣ ଅଭାବରୁ ପାଲଟିଛି ଭୂତକୋଠି**
● **ଆଗାମୀ ନିର୍ବାଚନକୁ ପ୍ରଭାବିତ କରିପାରେ**

କରିବ। କିନ୍ତୁ ଏହା କେବେ ଚାଲିବ ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହ ଆଶଙ୍କା ଦେଖାଗଲାଣି। ଏଠାରେ ଭେଷଜ ମହାବିଦ୍ୟାଳୟ ପାଇଁ ଏମସିଏଲ ପକ୍ଷରୁ ସମସ୍ତ କୋଠାବାଡ଼ି, ପାଠପଢ଼ା ଲାଗି ଘର ନିର୍ମାଣ କାର୍ଯ୍ୟ ପ୍ରାୟ ୫ବର୍ଷ ହେବ ଶେଷ ହୋଇସାରିଛି। ତଥାପି ତାଳଚେର ଭେଷଜ ମହାବିଦ୍ୟାଳୟ ଖୋଲିବା ନେଇ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ପାରିନାହିଁ। ବିଭିନ୍ନ ସମୟରେ ଅଣରାଜନୈତିକ ଦଳ, ସଂଗଠନ ଆନ୍ଦୋଳନ ଚଳାଇଛନ୍ତି। ତାଳଚେର ମହାନଦୀ କୋଲ୍ ଫିଲଡସ୍ ଲିମିଟେଡ ଦ୍ୱାରା ନିର୍ମିତ ମେଡିକାଲ କଲେଜ ଖୋଲିବା ନେଇ ଘୋଷଣା, ଚୁକ୍ତିନାମା ପୁଣି ନାଲିଫିତା ତଳେ ବନ୍ଧା ହୋଇ ରହିଛି। ତାଳଚେରରେ ଟାଣୁଆ ନେତା ଥାଇ କିପରି ଏହା ଚାଲିବାର ବାଟ ଫିଟୁନି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏହି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ପ୍ରାୟ ୫୦୦ ଶଯ୍ୟା ବିଶିଷ୍ଟ କରାଯାଇଛି। ପ୍ରତିବର୍ଷ ଶହେଟି ଆସନରେ ଏମବିବିଏସ୍ ପାଠ ପଢ଼ିବେ। ତାଳଚେର ମେଡିକାଲ କଲେଜ ଦ୍ୱାରା ତାଳଚେରବାସୀଙ୍କ ସମେତ ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ନୟାଗଡ଼ ଜିଲ୍ଲାର ପ୍ରାୟ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ଲକ୍ଷ୍ୟ ରଖି ଏହି ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି। ୫ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ଏବଂ ଜାତୀୟ ମେଡିକାଲ କାଉନସିଲ ପ୍ରତିନିଧି ମଣ୍ଡଳୀ ତାଳଚେର ମେଡିକାଲ କଲେଜ ପରିଦର୍ଶନ ସହ ଏହାର ଆନୁସାଙ୍ଗିକ ଭିତ୍ତିଭୂମି ଅନୁଧ୍ୟାନ କରିବାକୁ ଆସିଥିଲେ। ଏହି ମେଡିକାଲ କଲେଜ ଖୋଲିବା ପାଇଁ ୨୦୧୩ ରୁ ତତ୍କାଳୀନ କଂଗ୍ରେସ ଶାସନ କାଳରେ ବିଭିନ୍ନ ସମୟରେ କେନ୍ଦ୍ରର ୟୁପିଏ ସରକାରଙ୍କ ନିକଟରେ ଦଳୀୟ ନେତାମାନେ ଦାବି କରି ଆସୁଥିଲେ। ପରିବର୍ତ୍ତୀ



ସମୟରେ ଏନଡିଏ ସରକାର ଅମଳରେ ୨୦୧୫ ସେପ୍ଟେମ୍ବର ୩ ତାରିଖରେ କେନ୍ଦ୍ର କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲ୍, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସାଂସଦ ଓ ଏମସିଏଲର ବରିଷ୍ଠ ପରିଚାଳନା ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ତାଳଚେର ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଥିଲା। ଏହା ପରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ଏମସିଏଲ ପକ୍ଷରୁ ମେଡିକାଲକଲେଜ ନିର୍ମାଣ କରିବାକୁ ଏବଂ ପିଲାଙ୍କ ପାଠ ପଢ଼ିବା ପାଇଁ ବିଭିନ୍ନ ଶ୍ରେଣୀଗୃହ ଓ ଲାଇବ୍ରେରୀ ନିର୍ମାଣ ଶେଷ ହୋଇଥିଲା। ସେତେବେଳଠାରୁ ମେଡିକାଲ କଲେଜ ନିର୍ମାଣ ଶେଷ ହୋଇସାରିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହା ଖୋଲାଯାଇ ପାରିଲାନାହିଁ। ବରଂ ଏହାର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ପ୍ରାୟ ୫ବର୍ଷ ହେବ ଶେଷ ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଘରଦ୍ୱାରା ଭାଙ୍ଗିବା ଓ ଭୂତକୋଠିରେ ପରିଣତ ହେବା ଅବସ୍ଥା ଆସିଗଲାଣି। ବିଭିନ୍ନ ଜିଲ୍ଲାରେ ଭିତ୍ତିଭୂମି ନଥାଇ ସୁଦ୍ଧା କଲେଜ ନିର୍ମାଣ କରାଯାଇ ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଏମସିଏଲ ପକ୍ଷରୁ ସମସ୍ତ ଭିତ୍ତିଭୂମି ଯୋଗାଇ ଦିଆଯାଇଥିଲେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ନହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏଠି ଶୁଣିବାକୁ ମିଳୁଛି ଯେ, ତାଳଚେର ମେଡିକାଲ କଲେଜ ଚାଲିବା ନେଇ ଅଞ୍ଚଳବାସୀଙ୍କ ମନରେ ଯେଉଁ ଦ୍ୱନ୍ଦ୍ୱ ଉପୁଜୁଛି, ତାହା ଆଗାମୀ ନିର୍ବାଚନ ଚାଲ ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ସାହିତ୍ୟଘର ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ



**ତାଳଚେର, ୨୧।୩(ସମିସ):** ତାଳଚେର ବ୍ଲକ ସାଉଥ୍ ବଲଣ୍ଡା ସମ୍ବାଦ ସାହିତ୍ୟଘର ପକ୍ଷରୁ ଗୋବରା ଗ୍ରାମସ୍ଥିତ କୃଷିଭବନ ପରିସରରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ସାହିତ୍ୟ ଘରର ସଭାପତି ଗବେଷକ ବିଭୂତି ଭୂଷଣ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକ, ସମ୍ମାନିତ ଅତିଥି ଭାବରେ ସାହିତ୍ୟ ଘରର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ବେହେରା ଓ ଯୁବ ସମାଜସେବୀ ଚିତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାହିତ୍ୟଘରର ସଂପାଦକ ତ୍ରିନାଥ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପଖାଳ ଭାତ ସହ ବଡ଼ି ଚୂରା, ଆଳୁ ଭଜା, ଦହି, ଆଳୁ ଚଟଣୀ, ପୋଦିନା ଚଟଣୀ, ବିଲାତି ବାଇଗଣ ପୋଡ଼ା, ଶାଗ, ମାଛ ଭଜା ପ୍ରମୁଖ ପାରମ୍ପରିକ ଓଡିଆ ବ୍ୟଞ୍ଜନ ପ୍ରସ୍ତୁତ କରି ପରିବେଷଣ କରାଯାଇଥିଲା। ଶେଷରେ ସାହିତ୍ୟଘରର କୋଷାଧ୍ୟକ୍ଷ ଅରୁଣ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତ୍ରେତାନନ୍ଦ ସାମନ୍ତ, ରଙ୍ଗାଧର ନାୟକ, ବସନ୍ତ ପ୍ରଧାନ, ଗୁଣାକର ଦାସ, ବୈଜୟନ୍ତୀମାଳା ରଥ, ଗିରିଶ ଚନ୍ଦ୍ର ବେହେରା, ଭକ୍ତଚରଣ ସାହୁ, ତ୍ରିପୁର ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା



**କଣିହାଁ, ୨୧।୩(ସମିସ):** କଣିହାଁ ବ୍ଲକ୍ ବିଜିଗୋଳ ପଞ୍ଚାୟତ ବାରଡ଼ାଙ୍ଗୁଆ ଗ୍ରାମବାସୀ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଆଜି ଅଧିବାସ ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ନୂଆସାହି ପୋଖରିରେ ପୂରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ସାରିବା ପରେ ବ୍ରତଧାରୀମାନେ ପାଣିପୂର୍ଣ୍ଣ କଳସୀ ଧରି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ପୁରୁଣା ପାଣି ପୋଖରି ରାସ୍ତା ଅତିକ୍ରମ କରି ବିଜିଗୋଳ ନୂଆସାହି ଦେଇ ବାରଡ଼ାଙ୍ଗୁଆ ମଙ୍ଗଳାକୂଠିସ୍ଥ ଯଜ୍ଞସ୍ଥଳରେ ଘଟ ସ୍ଥାପନ କରିଥିଲେ। ଅର୍ଜୁନ ଚନ୍ଦ୍ର ପ୍ରଧାନ ଓ ତାଙ୍କ ସହଧର୍ମୀଣୀ ତଥା ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ ପ୍ରମୁଖ ଯଜ୍ଞରେ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ସକାଳ ୫ ରୁ ଅହୋରାତ୍ର ନାମସ ନାମସଂକୀର୍ତ୍ତନରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣପ୍ର ଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଆସନ୍ତା ଶୁକ୍ରବାର ସକାଳ ୬ ଘଣ୍ଟିକାରେ ନଗରକୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ।

# ଜଙ୍ଗଲ ନିଆଁ ନିବାରଣ ଓ ଜଳ ସଂରକ୍ଷଣ ସମ୍ପର୍କିତ ଆଲୋଚନାଚକ୍ର

**ଅନୁଗୋଳ, ୨୧।୩(ସମିସ):** ଆନ୍ତର୍ଜାତୀକ ବନ ଦିବସ ପାଳନ ଅବସରରେ ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ଗୁରଙ୍ଗ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଗୋଳ କନିଷ୍ଠ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ସଚେତନତା ସଭାରେ ଗୁରଙ୍ଗ ବନ ସୁରକ୍ଷା ସମିତିର ସଭାପତି କନ୍ଦର୍ପ ନାଏକ ସଭାପତିତ୍ୱ କରିଥିବା ବେଳେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ସୂର୍ଯ୍ୟକାନ୍ତ ସାହୁ, ସାମାଜିକ ଅନୁଷ୍ଠାନ ସାଥୀ ପରିବାରର ସଭାପତି ସିଦ୍ଧାର୍ଥ ପ୍ରଧାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୁଜର ସଂଯୋଜକ ସୁବ୍ରତ କୁମାର ପ୍ରଧାନ ଏବଂ ଅନୁଗୋଳ ସର୍ପମିତ୍ର ଆଦିତ୍ୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର ଛାତ୍ର ଦିପେଶ ରଂଜନ ସାହୁ, ଅମିତ ସାହୁ, ଚନ୍ଦନ ବେହେରା ଏବଂ ବନ ସୁରକ୍ଷା ସମିତିର ବନ ସହାୟକ ଅରୁଣ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।




## ନିର୍ବାଚନ ନିମନ୍ତେ ଆଇଟି ପ୍ରଶିକ୍ଷଣ ଶିବିର

# ଅଭିଯୋଗର ୧୦୦ ମିନିଟ୍‌ରେ ହେବ ସମାଧାନ

**ଅନୁଗୋଳ, ୨୧।୩(ସମିସ)**

ସାଧାରଣ ନିର୍ବାଚନ-୨୦୨୪ ର ସଫଳ ପରିଚାଳନା ନିମନ୍ତେ ଏକ ଆଇଟି (ସୂଚନା ଓ ପ୍ରଯୁକ୍ତ) ପ୍ରଶିକ୍ଷଣ ଶିବିର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅବାଲ ଏମ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ନିର୍ବାଚନ ଜନିତ ଆଇଟି ଆପ୍ଲିକେସନ ଯଥା- ସି ଭିଜିଲ, ସୁବିଧା ପୋର୍ଟାଲ, ଏନ୍ କୋର ପୋର୍ଟାଲ ଇତ୍ୟାଦିର ବ୍ୟବହାର ଓ ସଫଳ କାର୍ଯ୍ୟକାରୀ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। କୌଣସି ସ୍ଥାନରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହେଲେ 'ସି ଭିଜିଲ'ମୋବାଇଲ ଆପ୍ ଜରିଆରେ ଲାଇଭ ଫଟୋ କିମ୍ବା ଭିଡିଓ ଅପଲୋଡ୍ କରି ଜନସାଧାରଣ ନିଜ ନିଜର ଅଭିଯୋଗ ପଞ୍ଜୀକରଣ କରିପାରିବେ। ଅଭିଯୋଗ ପାଇବାର ୧୦୦ ମିନିଟ୍ ମଧ୍ୟରେ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଏହାର ସମାଧାନ କରାଯିବ। ସେହିପରି ସୁବିଧା ପୋର୍ଟାଲ ଜରିଆରେ ସଭା, ରାଲି, ଶବ୍ଦ ବ୍ୟବସ୍ଥା ଇତ୍ୟାଦିର ଆଗୁଆ ଆବେଦନ ରାଜନୈତିକ ଦଳଗୁଡିକକରିପାରିବେ। ଏହି ପୋର୍ଟାଲ ଜରିଆରେ ଆବଶ୍ୟକ ସମସ୍ତ ଦସ୍ତାବିଜ ଅପଲୋଡ କରି ପାର୍ଥୀମାନେ ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିପାରିବେ। ଏହି ସବୁ ଆବେଦନର ଅନୁମତି ନିର୍ବାଚନ ଅଧିକାରୀଙ୍କ ଏନ୍ କୋର ପୋର୍ଟାଲ ଜରିଆରେ ଦେଇପାରିବେ। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲ୍ଲା ସୂଚନା ବିଜ୍ଞାନକେନ୍ଦ୍ରର ଅଧ୍ୟକ୍ଷ ସୁବ୍ରତ ଚାଟାର୍ଜୀଙ୍କ ସମେତ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଆଇଟି କମିଟିର ସଦସ୍ୟ, ଆରକ୍ଷୀ ବାହିନୀ, ଡେପୁଟୀ କଲେକ୍ଟର ମମତା ପ୍ରଧାନ ଓ ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଠାକୁରଗଡ଼ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳିତ



**ବଇଣ୍ଡା, ୨୧।୩(ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀକୁ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ନବକୃଷ୍ଣ ଚୌଧୁରୀ, ପ୍ରଶିକ୍ଷଣ ମହାବିଦ୍ୟାଳୟରଅବସରପ୍ରାପ୍ତଅଧ୍ୟକ୍ଷ ଡ. ଚୈତନ୍ୟ ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଅନ୍ୟତମ ଅତିଥି ଭାବରେ ଠାକୁରଗଡ଼ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ନାୟକ, ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ପୂର୍ବତନ ସରପଞ୍ଚ ମହେଶ୍ୱର ଦେହୁରି ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଅପରାହ୍ନରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି କ୍ଷୀରେନ୍ଦ୍ର ମୋହନ ଦେହୁରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଧରଣିଧର ନାଥ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ ସାର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ସାହିତ୍ୟିକ ଶ୍ରୀବତ୍ସ ପ୍ରଧାନ ଯୋଗଦେଇ ଶିକ୍ଷାର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ପଞ୍ଚଧାରା ପତ୍ରିକା ଉନ୍ମୋଚନ କରିଥିଲେ। ଶେଷରେ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ.କୃଷ୍ଣପ୍ରୀୟା ମିଶ୍ର

ଆବିର୍ଭାବ: ୦୯.୦୮.୧୯୪୪ | ତିରୋଧାନ: ୧୭.୦୩.୨୦୨୨

ତିଥିରେ ଆଜିକୁ ଦୁଇ ବର୍ଷ ର ତୋର ଆବର୍ତ୍ତମାନର ଦୁଃଖ ଯନ୍ତ୍ରଣା ଆମକୁ ଆନ୍ଦୋଳିତ କରୁଛି। ତୁ ଆମ ପାଇଁ ମାର୍ଗ ଦର୍ଶନ କରିବା ସହିତ ତୋ ପଦାଙ୍କ ଅନୁସରଣ ପାଇଁ ଆଶୀର୍ବାଦ କରୁଥା, ଏତିକି ତୋ ପାଖରେ କାମନା।

ଶୋକସନ୍ତପ୍ତ :- ପୁତ୍ର-ଶମ୍ଭୁ ପ୍ରସାଦ, ଶକ୍ତି ପ୍ରସାଦ, ଝିଅ-ସଂଘମିତ୍ରା, ସ୍ୱର୍ଣ୍ଣମିତ୍ରା, ସୁଖମିତ୍ରା ଓ ଲୁନା ଓ ପରିବାରବର୍ଗ।

ସକାଳ THE SAKALA
ଶୁକ୍ରବାର
୨୨ ମାର୍ଚ୍ଚ ୨୦୨୪



# ଓଲଡ଼ି, ମନ୍ତ୍ରୀପଡ଼ା ଓ ଗୋଖେଇରଥ ମେଳଣ ଶେଷ



ଡେରାବିଶ, ୨୧।୩ (ସମିସ) :ଫଗୁ ଦଶମୀ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ପର୍ବ ଆରମ୍ଭ ହୋଇଯାଇଛି। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସୁସଜ୍ଜିତ ବିମାନଗୁଡିକରେ ଶୋଭାପାଉଥିବା ବେଳେ ବିଭିନ୍ନ ସ୍ଥାନରେ ମେଳଣମାନ ଅନୁଷ୍ଠିତ ହେଉଛି। ଡେରାବିଶ ବ୍ଲକ ଅଧିନସ୍ଥ ଓଲଡ଼ି ମା' ନାରାୟଣୀଙ୍କ ପୀଠରେ ଆଜି ଦୋଳ ମେଳଣ ଉଦ୍‌ଯାପିତ ହୋଇଛି। ଗତକାଲି ରାତିରୁ ଆରମ୍ଭ ହୋଇଥିବା ଏହି ମେଳଣ ଆଜି ସକାଳ ୮ଟାରେ ଉଦ୍‌ଯାପିତ ହୋଇଥିଲା। ଏହି ଗ୍ରାମର ଗୋସେଇଁ ମଠ ବିମାନ ମେଳଣର ଥାନପତି ହୋଇଥିବାରୁ ପ୍ରଥମେ ପଡ଼ିଆରେ ଉପବେଶନ କରିଥିଲେ। ପରେ ବିଭିନ୍ନ ପଟୁଆର ମଧ୍ୟରେ ଓଲଡ଼ି ମଠ, ଫକିରାବାଦ, ମନ୍ତ୍ରୀପଡ଼ା ମଠ, ସଲ୍ଟପୁରା ମଠ ଓ ତରଙ୍ଗଙ୍କାର ଆସୁଥିବା ୧୦ରୁ ଉର୍ଦ୍ଧ୍ୱ ବିମାନ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଘଣ୍ଟ ଓ ସଂକୀର୍ତ୍ତନ ସାଙ୍ଗକୁ ଆତସବାଜିର ମଜା ନେଇଥିଲେ ଉପସ୍ଥିତ ଥିବା ହଜାର ହଜାର ଶ୍ରଦ୍ଧାଳୁ। ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡ଼ାଠାରେ ଆଜି ଅନୁଷ୍ଠିତ ହୋଇଥିବା ମେଳଣରେ ୧୫ରୁ ଉର୍ଦ୍ଧ୍ୱ ବିମାନ ଯୋଗ ଦେଇଥିଲେ। ମନ୍ତ୍ରୀପଡ଼ା ଗ୍ରାମର ଶ୍ରୀ ଗୋପିନାଥ ଜାଉ ଏହି ମେଳଣ ଥାନପତି ହୋଇଥିବା ବେଳେ ମେଳଣ ପଡ଼ିଆକୁ ବାଲିପାଟଣାର ଶ୍ରୀ ଲକ୍ଷ୍ମୀନାରାୟଣ, ଠାକୁରହାଟ ମଠ ବିମାନ, ସଲ୍ଟପୁରା ମଠ, ଓଲଡ଼ି ମଠ, ନିକିରାଇ ମଠ ଓ ବାଲିଆପଡ଼ା ବିମାନ ସମେତ ଅନ୍ୟ ବିମାନଗୁଡ଼ିକ ଏକ ବିରାଟ ପଟୁଆର ମଧ୍ୟରେ ଦିନ ୧୦ଟା ସମୟରେ ମେଳଣ ପଡ଼ିଆ ଭିତରେ ପ୍ରବେଶ କରିଥିଲେ। ସେହିପରି ଆଜି ସନ୍ଧ୍ୟାରେ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ମେଳଣ ପଡ଼ିଆରେ ଗୋଖେଇରଥ ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଥାନପତି ଦଖମଠ ବିମାନ ମେଳଣ ପଡ଼ିଆରେ ଉପବେଶନ କରିବା ପରେ ଦଖଣଖାସାହି, କେଶରପୁର, ଦୋହଳି, ରଜାଙ୍ଗର ୨ ଗାଦି, ଭାଗବତପୁର, ଦାନପୁର ଗୋସେଇଁ ମଠ, ଦାନପୁର ଗୋପିନାଥ ବେଲାମାଳ ମଠ, ଚାନ୍ଦିଆବଟ ପ୍ରମୁଖ ୧୫ରୁ ଉର୍ଦ୍ଧ୍ୱ ବିମାନ ବାଜା ବାଣ ଓ ସଂକୀର୍ତ୍ତନ କରି ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ମେଳଣ କମିଟି ପକ୍ଷରୁ ପ୍ରତି ବିମାନ ନିକଟରେ ଭୋଗଲାଗି ପରେ ବିଳମ୍ବିତ ରାତିରେ ଏହି ମେଳଣ ଉଦ୍‌ଯାପିତ ହୋଇଥିଲା। ବହୁ ପୁରାତନ ଏହି ମେଳଣରେ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ସମାଗମ ହୋଇଥିଲା।

### ହାଇୱା ଧକ୍କାରେ ଯୁବକ ମୃତ

# ଦୁର୍ଘଟଣାସ୍ଥଳରେ ଉତ୍ତେଜନା, ପ୍ରତିବାଦରେ ରାସ୍ତାରୋକ

ରାଜନଗର, ୨୧।୩(ସମିସ)



ରାଜନଗର ତାଳଚୁଆ ରାସ୍ତାର ଦିଘି ମଧୁପୁର ନିକଟରେ ଜଣେ ଯୁବକଙ୍କୁ ଟ୍ରକ ଚାପି ଦେଇଛି। ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଲାଗି ରହିଛି। ଦିନ ୧ଟା ଠାରୁ ରିପୋର୍ଟ ଲେଖାହେବା ଯାଏଁ ଉତ୍ତେଜନା ଲାଗି ରହିବା ସହ ସ୍ଥାନୀୟ ଲୋକେ ଶବ ରଖି ରାସ୍ତାରୋକ କରିଛନ୍ତି। ଆଜି ଦିନ ପ୍ରାୟ ୧ ଘଟିକା ସମୟରେ ଈଶ୍ୱରପୁର ପଞ୍ଚାୟତ ମଧୁପୁର ଗାଁର ମନୋଜ ବେହେରା (୨୮) ଗାଁରୁ ଏକ ସ୍କୁଟି ଯୋଗେ ଦିଘି ବଜାରକୁ ଆସୁଥିଲେ। ଗାଁ ରୁ ମୁଖ୍ୟ ରାସ୍ତାକୁ ସ୍କୁଟି ଉଠାଉଥିବା ସମୟରେ ଡାଙ୍ଗମାଳ ପଟୁ ଦ୍ରୁତଗତିରେ ଆସୁଥିବା ହାଇୱା ମନୋଜଙ୍କ ସ୍କୁଟିକୁ ଧକ୍କା ଦେବା ସହିତ କିଛିବାଟ ଘୋଷାଡି ନେଇଥିଲା। ମନୋଜ ତଳେ ପଡ଼ିଯିବା ପରେ ହାଇୱା ପଛଚକା ମନୋଜଙ୍କ ଉପରେ ଚଢିଯିବାରୁ ସେହିଠାରେ ହିଁ ମନୋଜଙ୍କ ମୃତ୍ୟୁ ଘଟିଥିଲା। ସେଠାରୁ ୨୦ ମିଟର ଦୂରରେ ଥିବା ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମନୋଜଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ମଧୁପୁର ଗାଁର ବୁଦ୍ଧିରାମ ବେହେରାଙ୍କର ୨ ପୁଅ ଓ ଗୋଟିଏ ଝିଅ। କରୋନା ସମୟରେ ମନୋଜଙ୍କ ବଡ ଭାଇ ପୁନେରେ ପ୍ରାଣ ହରାଇଥିଲେ। ଭାଇର ମୃତ୍ୟୁ ପରେ ତେଲ ଲୁଣର ସଂସାର ଚଳାଇବା ପାଇଁ ମନୋଜ କେରଳରେ ଦାଦନ ଖଟୁଥିଲେ। ଚଳିତମାସ ୧୯ ତାରିଖ ମଙ୍ଗଳବାର ରାତିରେ କେରଳରୁ ଆସି ଘରେ ପହଁଚିଥିଲେ। ପରିବାର ସହ ହସଖୁସିରେ ଦିନ କାଟିବା ପାଇଁ କେରଳରୁ ଆସିଥିବା ମନୋଜ ଗାଁରେ ପହଞ୍ଚିବାର କେତେ ଘଣ୍ଟା ପରେ ଦୁର୍ଘଟଣାରେ ପ୍ରାଣ ହରାଇବା ଘଟଣା ପରିବାର, ଆତ୍ମୀୟ ସ୍ୱଜନ ଏବଂ ଗାଁ ଲୋକଙ୍କ ମଧ୍ୟରେ ଶୋକର ବାତାବରଣ ସୃଷ୍ଟି କରିଛି। ମୃତ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ମୃତ ପରିବାରକୁ ସହାୟତା ଦାବୀ କରି ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି। ଘଟଣା ସ୍ଥଳରେ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା, ରାଜନଗର ଆଇଆଇସି ଅଜୟ କୁମାର ଜେନା, ତାଳଚୁଆ ଆଇଆଇସି ସସ୍ମିତା ସାହୁ, ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ, ତହସିଲଦାର ଅଜୟ କୁମାର ମହାନ୍ତି ପ୍ରମୁଖ ଘଟଣା ସ୍ଥଳରେ ରହି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛନ୍ତି।

## ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞ

**ପଞ୍ଚୁପାଣ୍ଡବ, ୨୧।୩ (ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମର ଦଳିତ ସାହିରେ ବୁଧବାର ରାତିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ହୋଇ ଆସୁଛି। ସେହିପରି ବେଣିପୁର ପଞ୍ଚାୟତ ବଜାର ଗ୍ରାମର ଗୋବରି ନଦୀ ସନ୍ନିକଟ ପଣ୍ଟେଇ ଠାକୁରାଣୀଙ୍କ ନିକଟରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନୀତିକାନ୍ତି ଅନୁଯାୟୀ ଠାକୁରଙ୍କ ନିକଟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହା ପରେ ନଗର କୀର୍ତ୍ତନ ମନ୍ଦିର ନିକଟରେ କରାଯିବା ସହ ପ୍ରସାଦ ସେବାର ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବରେ ବିଜେଡ଼ି ନେତା ଅରବିନ୍ଦ ମହାପାତ୍ର, ସରୋଜକାନ୍ତ ନାୟକ, ପ୍ରଶାନ୍ତ ସାମଲ, ରମେଶ ଚନ୍ଦ୍ର ଗାହାଣ, ଶିଶିର ମଳିକ, ମନୋରଞ୍ଜନ ଉପାଧ୍ୟାୟ, ଅଶୋକ ସାହୁ, ବାପି ଦ୍ୱିବେଦୀ ଉପସ୍ଥିତ ରହିଥିଲେ।

## ଭତ୍ତାକୁ ନେଇ ବରିଷ୍ଠ ନାଗରିକଙ୍କ ଅସନ୍ତୋଷ

**କେନ୍ଦ୍ରାପଡ଼ା, ୨୧।୩(ସମିସ):** ଭତ୍ତା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଡାକି ଦେଇ ଭତ୍ତା ନଦେଇ ଫେରାଇ ଦେବାରୁ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏହିଭଳି ଏକ ଘଟଣା ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ଶୋବଳା ଗ୍ରାମର ଭତ୍ତା ବଣ୍ଟନ କରିବାକୁ ଯାଇଥିବାବେଳେ ପିଇଓ ଏବଂ ସରପଞ୍ଚ ଜଣକ ନିର୍ଦ୍ଦିଷ୍ଟ ଘରେ ଭତ୍ତା ବଣ୍ଟନ କରୁଥିଲେ। କିଛି ଲୋକ ପିଇଓଙ୍କୁ ଏନେଇ ପଚରାଯିବାରୁ ଏଠିକି ଆସି ଭତ୍ତା ନେବାକୁ ପଡ଼ିବ ବୋଲି ସେ କହିଥିଲେ। କିନ୍ତୁ ପ୍ରତି ମାସରେ ଶୋବଳା ଗ୍ରାମରେ ଠାକୁରାଣୀଙ୍କ ମଣ୍ଡପରେ ଭତ୍ତା ବଣ୍ଟନ କରାଯାଉଥିବା ବେଳେ ଆଜି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଜଣକ ଘରେ ଭତ୍ତା ବଣ୍ଟନ କଣ ପାଇଁ ବୋଲି ଏନେଇ ସ୍ଥାନୀୟ ବୃଦ୍ଧବୃଦ୍ଧା ପ୍ରଶ୍ନ କହିବାରୁ ପିଇଓ ଜଣଙ୍କ ଭତ୍ତା ଟଙ୍କା ନଦେବା ପାଇଁ କହିଛନ୍ତି ବୋଲି ଅଭିଯୋଗ ହୋଇଛି।ପୁଣି ଯାହାର ଭତ୍ତା ଦରକାର ସେମାନେ ପଞ୍ଚାୟତ ଅଫିସରୁ ନିଅନ୍ତୁ ବୋଲି କହି ଭତ୍ତା ନଦେଇ ସେ ପଳେଇ ଯାଇଥିଲେ।ଯାହା ଫଳରେ ବୃଦ୍ଧବୃଦ୍ଧା ମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ସଭ୍ୟଙ୍କ କୃତଜ୍ଞତା

**ଡେରାବିଶ, ୨୧।୩ (ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଓରଗଳା ଗ୍ରାମର ମଧୁସୂଦନ ଘଡ଼େଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟିର ସଦସ୍ୟ ଭାବେ ସରକାରଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ଓଡ଼ିଶା ସମବାୟ ବିଭାଗର ୧୯୬୨ ଧାରା ୩୧(୧) ଅନୁଯାୟୀ ଶ୍ରୀ ଘଡ଼େଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟିକୁ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଚଳିତ ମାସ ୧୬ ତାରିଖରେ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଚିଠି ନଂ-୩୭୧୨ରେ ସମବାୟ ବିଭାଗର ଅତିରିକ୍ତ ସଚିବଙ୍କ ଦସ୍ତଖତରେ ଶ୍ରୀ ଘଡ଼େଇ ମନୋନୀତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଶ୍ରୀ ଘଡ଼େଇ କିଛି ବର୍ଷ ଦାନପୁର ସମବାୟ ସମିତିର ସହ-ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ବେଳେ ଏବେ ଏହି ସମିତିର ପରିଚାଳନା ନିର୍ଦ୍ଦେଶକ ଭାବରେ କ୍ରମାଗତ ଭାବେ ତିନିଥର ନିର୍ବାଚିତ ହୋଇଛନ୍ତି।

### ■ ଚଣ୍ଡିଖୋଲ-ପାରାଦୀପ ରାସ୍ତା ନିର୍ମାଣରେ ମାଟି ଓ ବାଲି ବ୍ୟବହାର ବନ୍ଦ କରିବାରେ ପ୍ରଶାସନ ବିଫଳ

# ପୁଣିଥରେ ଅଭିଯୋଗ କଲେ ବରିଷ୍ଠ ଆଇନଜୀବୀ

**କେନ୍ଦ୍ରାପଡ଼ା, ୨୧।୩(ସମିସ):** ଚଣ୍ଡିଖୋଲ ପାରାଦୀପ ରାସ୍ତା ନିର୍ମାଣରେ ମାଟି ଓ ବାଲି ବ୍ୟବହାର ସମ୍ପୂର୍ଣ୍ଣ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ଏନେଇ ଗତ ଫେବୃଆରୀ ୨୨ତାରିଖରେ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ସମସ୍ତ ତହସିଲ ଓ ବିଡିଓଙ୍କୁ ଅବଗତ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନି। କେନ୍ଦ୍ରାପଡ଼ା ଛାତି ଉପରେ ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥ ଓ ହରିଦାସପୁର ପାରାଦ୍ୱୀପ ରେଳ ଲାଇନ ଯିବା ଦ୍ୱାରା କେନ୍ଦ୍ରାପଡ଼ାର ମାଟି ଓ ବାଲି ବ୍ୟବହାର ହେବା ଯୋଗୁଁ କେନ୍ଦ୍ରାପଡ଼ା, ଡେରାବିଶ, ଗରଦପୁର, ମାର୍ଶାଘାଇ, ମହାକାଳପଡ଼ା ତହସିଲର ହଜାର ହଜାର ହେକ୍ଟର ଜମି ଖାଲୁଆ ହୋଇ ନଷ୍ଟ ହୋଇଯାଇଛି। ଏବେ ଜାତୀୟ ରାଜପଥର ୮ ଲାଇନ ରାସ୍ତା ପାଇଁ ପୁନରାୟ ମାଟି ବ୍ୟବହାର ହେଉଥିବା ଯୋଗୁଁ ସମଗ୍ର ଅଞ୍ଚଳ ବୁଡି ଜଳ ଅଞ୍ଚଳରେ ପରିବର୍ତ୍ତନ ହେବ। ସମସ୍ତ ଚାଷୀମାନେ ଚାଷବାସ ହରାଇ ସବୁଦିନ ପାଇଁ କେନ୍ଦ୍ରାପଡ଼ାରୁ ବିତାଡିତ ହେବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ଏବେ ଜାତୀୟ ରାଜପଥ ଓ ରେଳ ଲାଇନର ମଧ୍ୟବର୍ତ୍ତୀ ଓ ଉଭୟ ପଟର ଚାଷଜମି, ବେଣା, କଡିଣା ଓ ସନ୍ତରାବଣ ହୋଇ ପଡ଼ିରହିଛି। ବର୍ଷସାରା ଜମି ପଡ଼ିଆ ରହୁଛି।ଗତ ମାସ ୨୨ ତାରିଖରେ ଏହି ୮ ଲାଇନ ରାସ୍ତାରେ ମାଟି ବାଲି ବଦଳରେ ଜିପସମ୍ ଓ ପଥର ଗୁଣ୍ଡରେ ରାସ୍ତା ତିଆରି ପାଇଁ ଦରଖାସ୍ତ ଦିଆଯାଇଥିଲା।ମାତ୍ର ଠିକାଦାର ଖବର ପାଇ ଅଳ୍ପ କିଛି କିଛି ଜିପସମ ବ୍ୟବହାର ପରେ ଲୁଚାଛପାରେ ରାତ୍ରିରେ ମାଟି ଓ ବାଲି ବ୍ୟବହାର କରୁଥିବାରୁ ତୁରନ୍ତ ସମ୍ପୂର୍ଣ୍ଣ ମାଟି ଓ ବାଲି ବ୍ୟବହାର ଉପରେ ରୋକ୍ ଲଗାଇବାକୁ ସମସ୍ତ ତହସିଲକୁ ନିଷେଧାଜ୍ଞା ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରାଯାଇଛି।ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଓଡ଼ିଶାର ଅନ୍ୟ ସମସ୍ତ ରାସ୍ତା ନିର୍ମାଣରେ ମାଟି ଓ ବାଲି ବ୍ୟବହାର ଉପରେ ରୋକ୍ ଲାଗିଲା ପରେ ମଧ୍ୟ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହା ବ୍ୟତିକ୍ରମ ହୋଇଛି। ଯଦି ରାସ୍ତା ନିର୍ମାଣରେ ମାଟି ଓ ବାଲି ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାନଯାଏ ତେବେ କେନ୍ଦ୍ରାପଡ଼ା ଜିଲ୍ଲା ଏକ ଜନମାନବ ଶୂନ୍ୟ ଜିଲ୍ଲାଭାବେ ବିବେଚିତ ହେବ ଓ ବର୍ତ୍ତମାନର ପ୍ରଶାସନ ସେଥିପାଇଁ ଦାୟୀ ରହିବ ବୋଲି ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଜିଲ୍ଲା ପ୍ରଶାସନକୁ ଚେତାଇ ଦେଇଛନ୍ତି।

# ଭିତରକନିକାରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ




**ରାଜନଗର, ୨୧।୩ (ସମିସ):** ଜଳବାୟୁ ପରିବର୍ତ୍ତନ ଏବେ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ଜଙ୍ଗଲ କ୍ଷୟ ସାଙ୍ଗକୁ ପରିବେଶ ନଷ୍ଟ ଯୋଗୁଁ ଜୈବ ବିବିଧତା ଲୋପ ପାଇବାକୁ ବସିଛି। ଜଳବାୟୁରେ ଅନିୟମିତତା ଏଡାଇବାକୁ ଏବେଠାରୁ ବ୍ୟାପକ ବୃକ୍ଷରୋପଣ ସହ ଜଙ୍ଗଲ ସୃଷ୍ଟି ପାଇଁ ସମସ୍ତେ ଶପଥ ନେବାକୁ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଜି ରାଜନଗର ବନଖଣ୍ଡ (ବନ୍ୟଜୀବ) ଡିଭିଜନ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ବନଦିବସ-୨୦୨୪ କନିକା ରେଞ୍ଜର ଡାଙ୍ଗମାଳ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବିଶ୍ୱ ବନଦିବସରେ ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ମୁଖ୍ୟଅତିଥି, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ଅତିରିକ୍ତ ବନସଂରକ୍ଷକ ପୁନମ ହୀରା ହାଁସଦା, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ କୁମାର ମିଶ୍ର, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିରଜା ପ୍ରସାଦ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବ୍ୟାପକ ବୃକ୍ଷରୋପଣ ସହିତ ପରିବେଶର ସୁରକ୍ଷା ଓ ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ବ୍ୟାପକ ବୃକ୍ଷରୋପଣ ପାଇଁ ସବଡିଭିଜିନାଲ ସ୍ତରରେ କୁଜଙ୍ଗ ବ୍ଲକ ସମାଗଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟକୁ ମାନପତ୍ର ସହିତ ୨୦ହଜାର ଟଙ୍କା, ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାକାଳପଡ଼ା ବ୍ଲକ ସୁନତି ପଞ୍ଚାୟତର ସରପଞ୍ଚ ଭଗବତୀ ମଣ୍ଡଳଙ୍କୁ ମାନପତ୍ର ସହିତ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ ଭିତରକନିକା ଓ ଗହୀରମଥାରେ ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବନକର୍ମଚାରୀ ଯଶୋବନ୍ତ ବେହେରା, ସେକ୍ ରଫିକ୍, ବିଭୂତି ତରାଇ, ଅଲେଖ ପରିଡ଼ା, ଅଞ୍ଜନ ମହାନ୍ତି, ନିତାଇ ମଣ୍ଡଳ, ପ୍ରମୋଦ ରାଉତ, ଭାନୁ ଚରଣ ଜାନ୍ନା, ସାଗର ମଲିକ, ଜଗବନ୍ଧୁ ମଣ୍ଡଳ, ରଞ୍ଜିତ କୁମାର ସ୍ୱାଇଁ, ସୁକୁମାର ଦିଣ୍ଡା, ସୁପଦ ମିସ୍ତ୍ରୀ, ସୋମନାଥ ମଣ୍ଡଳ, ଗଗନ ମଲ୍ଲିକ, ପ୍ରଦୀପ ଦାସ, ଝାଡେଶ୍ୱର ଜାନାଙ୍କୁ ମାନପତ୍ର ସହିତ ଆର୍ôଥକ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ହାଇସ୍କୁଲର ଛାତ୍ର ଛାତ୍ରୀମାନେ ଖୋଲାସ୍ଥିତ ବନବିଭାଗ ଚେକ୍ ଗେଟ ନିକଟରୁ ଶତାଧିକ ଛାତ୍ର ଛାତ୍ରୀ ସାଇକଲ ଶୋଭାଯାତ୍ରାରେ ଯାଇ ଡାଙ୍ଗମାଳସ୍ଥିତ କନିକା ରେଞ୍ଜ କାର୍ଯ୍ୟାଳୟରେ ପହଁଞ୍ଚିଥିଲେ। ସାଇକଲ ଶୋଭାଯାତ୍ରା ସମୟରେ ଛାତ୍ର ଛାତ୍ରୀମାନେ ବାଟରେ ଲୋକମାନଙ୍କୁ ସଚେତନ କରିବା ସହ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ନେଚର୍ସକ୍ଲବ, ସକ୍ରେଟିସ୍ ଫାଉଣ୍ଡେସନ ଓ ବନବିଭାଗ ପକ୍ଷରୁ ମିଳିତ ଭାବେ ୩ମାସ ଧରି ଲୁଣା ଜଙ୍ଗଲ ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ମ୍ୟାନଗ୍ରୁଭ ପଥୋତ୍ସବ ପାଳନ ହେଇଥିଲା। ଆଜି ଏହି ମ୍ୟାନଗ୍ରୁଫ ପଥୋତ୍ସବର ଲୋଗୋକୁ ଡିଏଫଓ ଉନ୍ମୋଚନ କରିଥିଲେ।

## ଦାଦାବଟି ନ ଦେବାରୁ ଯୁବକ ବୁଲାଇଲେ ଖଣ୍ଡା



**କେନ୍ଦ୍ରାପଡ଼ା, ୨୧।୩(ସମିସ):** ଗାଁ ମଝିରେ ବୁଲିଲା ଖଣ୍ଡା। ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଅସାମାଜିକ ଯୁବକଙ୍କ ଏହିଭଳି ଏକ ଉନ୍ମତ କାଣ୍ଡ ଦେଖିବାକୁ ମିଳିଛି। ଦାଦାବଟି ଆଦାୟ କରିବାକୁ ଯାଇ ଉକ୍ତ ଯୁବକ ସ୍କୁଲ ଗାଡି ଅଟକାଇଲେ। ଅଭିଯୋଗ ମୁତାବକ, ନିକିରାଇ ଥାନା ଅନ୍ତର୍ଗତ କୋରୋ ଗ୍ରାମର ମନୋଜ ମଳିକ ଦାଦାବଟି ଆଦାୟ କରିବାକୁ ଯାଇ ଗାଁ ମଧ୍ୟରେ ଏକ ସ୍କୁଲ ପିଲାଙ୍କୁ ନେଇ ଫେରୁଥିବା ଗାଡିକୁ ଅଟକାଇ ଧମକାଇଥିଲେ। କିନ୍ତୁ ଗାଡି ଚାଳକ ତାଙ୍କ କଥା ନଶୁଣିବାରୁ ଉକ୍ତ ଯୁବକ ଜଣକ ଉତ୍ୟକ୍ତ ହୋଇ ଖଣ୍ଡା ବାହାର କରି ଧମକାଇଥିଲେ। ଯାହା ଫଳରେ ସ୍ଥାନୀୟ ଲୋକେ ଆସିଯିବାରୁ, ଉକ୍ତ ଯୁବକ ଗାଡି ଠାରୁ ଦୁରକୁ ପଳେଇଯାଇ, ଗାଁ ମଧ୍ୟରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପାଖରେ ଥିବା ଖଣ୍ଡା ବୁଲାଇ ସମସ୍ତ ଲୋକଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ନିକିରାଇ ପୁଲିସ ପହଞ୍ଚିବାରୁ ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।ପୁଲିସ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢଉ ଆରମ୍ଭ କରିଛି।

## ଲକ୍ଷ୍ମୀବସ୍ ଯିବା ବାଟରେ ସମସ୍ୟା



**ପଞ୍ଚୁପାଣ୍ଡବ, ୨୧।୩ (ସମିସ) :** ଡେରାବିଶ ବ୍ଲକରୁ ଯିବା ଆସିବା କରୁଥିବା ସମୟରେ ଲକ୍ଷ୍ମୀବସ୍ ପାଇଁ କିଛି ଜାଗାରେ ସମସ୍ୟା ଯୋଗୁ ବସ ଯାତାୟତରେ ସମସ୍ୟା ଦେଖାଦେଇଛି। ମଙ୍ଗଳପୁର ପଞ୍ଚାୟତ ଘଣ୍ଟପଦା ଗ୍ରାମର ତିନିଛକିଠାରେ ଦୁଇଟି ଗଛ ଯୋଗୁ ବସ୍ ବୁଲାଇବା ପାଇଁ ବସ୍ ଚାଳକଙ୍କୁ ହଇରାଣ ହେବାକୁ ପଡୁଛି। ସେହିପରି ବେଣିପୁର ପଞ୍ଚାୟତର ବଜାର ବିଦ୍ୟାଳୟରୁ ହଳଦିଆ ପାଟଣା ପର୍ଯ୍ୟନ୍ତ ଗଛର ଡାଳ ଏବଂ କିଛି ଜାଗାରେ ରାସ୍ତାକୁ ଅବରୋଧ କରି ବାଡ଼ ବୁଜାଯାଇଥିବାରୁ ବସ୍ ଯାତାୟତରେ ବାଧା ସୃଷ୍ଟି ହେଉଥିବା ଚାଳକ କହିଛନ୍ତି। ତୁରନ୍ତ ରାସ୍ତାରୁ ଗଛ ଓ ଅନ୍ୟାନ୍ୟ ଅବରୋଧ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ■ ଏଲ୍ଇଡି ଲଗାରେ ଅନିୟମିତତା ଘଟଣା

## ତଦନ୍ତ ବାଟବଣା, ହେଲାନି କାର୍ଯ୍ୟାନୁଷ୍ଠାନ

**ଗରଦପୁର, ୨୧।୩(ସମିସ):** ଏଲିଇଡି ଲଗାରେ ଅନିୟମିତତା ଘଟଣା ଦେଢ଼ ମାସକୁ ବିତିଲାଣି ହେଲେ ଗରଦପୁର ବ୍ଲକର ହୋଇଥିବା ୧୭ଗୋଟି ପଞ୍ଚାୟତରେ ଚଞ୍ଚକତା କରିବା ପାଇଁ ପ୍ରୟାସ କରିଥିବା କିଛି ଅଧିକାରୀଙ୍କ ଚକ୍ରାନ୍ତ ଗଣମାଧ୍ୟମ ସାମ୍ନାକୁ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।କିଛିଦିନ ପୂର୍ବେ ପ୍ରତ୍ୟେକ ପଞ୍ଚାୟତରେ ହୋଇଯାଇଥିବା ପଞ୍ଚାୟତସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ଶେଷ ହେବା ପରେ ସେହି କାର୍ଯ୍ୟକ୍ରମ ବାବଦରେ ଆସିଥିବା ଅର୍ଥ ରାଶିକୁ ହରିଲୁଟ କରିବା ପାଇଁ ବ୍ଲକର କିଛି ଅଧିକାରୀ ନୂଆ ତରିକା ଆପଣାଇଥିଲେ। କାର୍ଯ୍ୟକ୍ରମ ବାବଦକୁ ଆସିଥିବା ୩ ଲକ୍ଷ ଟଙ୍କା ସରକାରୀ ଅନୁଦାନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ପାଇଁ ନିର୍ଦ୍ଦେଶ ଥିବା ବେଳେ ସେହି ଅର୍ଥରୁ ମାତ୍ର ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆଉ ଦେଢ଼ ଲକ୍ଷ ଟଙ୍କା ନିଜେ କିପରି ପକେଟରେ ପୁରାଇବେ ସେନେଇ ନୂଆ ତରିକା ଆପଣେଇ ସରକାରୀ ଅର୍ଥ ବାଟ ମାରଣା ପାଇଁ ପ୍ରୟାସ ଆରମ୍ଭ କରିଥିବା ଜଣାପଡ଼ିଥିଲା। ହେଲେ ଏହି ଦୁର୍ନୀତି ଖୋର୍ ଅଧିକାରୀଙ୍କ କଳା କାରନାମା ସମ୍ପର୍କରେ ଜଣାପଡ଼ିବା ପରେ ହରଡ଼ଘଣାରେ ଗରଦପୁର ବ୍ଲକ ପ୍ରଶାସନ ପଡ଼ିଛି। ଗରଦପୁର ବ୍ଲକର ୧୮ ପଞ୍ଚାୟତରୁ ଏକମାତ୍ର ଗରଦପୁର ପଞ୍ଚାୟତ ମାତ୍ର ଏଲଇଡି ଲଗାଇବା ବାବଦରେ ୨୫ ହଜାର ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ହେଲେ ଅନ୍ୟ ୧୭ ପଞ୍ଚାୟତରେ ସେହି ସମାନ କାର୍ଯ୍ୟ ବାବଦକୁ ୮୦ ହଜାର ଟଙ୍କା ଖର୍ଚ୍ଚର ଭାଉଚର୍ ଦେବାକୁ ପଞ୍ଚାୟତ ଅଧିକାରୀଙ୍କୁ ବ୍ଲକର ନିର୍ଦ୍ଦିଷ୍ଟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଏକ ନିର୍ଦ୍ଦିଷ୍ଟ ପଞ୍ଚାୟତର ଅଧିକାରୀଜଣକ ସେହି ସମୟରେ ଦୁର୍ନୀତି ପାଇଁ ପ୍ରୟାସ କରିବାକୁ ଥିବା ବ୍ଲକ ଅଧିକାରୀଙ୍କ ଗୁମର ଗଣମାଧ୍ୟମକୁ କହିଥିଲେ। ସବୁଠୁ ବଡ଼କଥା ହେଉଛି ଏହି ଖବର ପ୍ରକାଶିତ ହେବା ପରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ ପରେ ଏବେ ପଞ୍ଚାୟତ ଅଧିକାରୀ ଏବଂ ବ୍ଲକର ନିର୍ଦ୍ଦିଷ୍ଟ ଅଧିକାରୀ ଏବେ ଏଲିଇଡି ପରିବର୍ତ୍ତେ ସେହି କାର୍ଯ୍ୟକ୍ରମରେ ବ୍ୟବହୃତ ଅନ୍ୟ ସରଞ୍ଜାମ ଏବଂ ଖାଦ୍ୟ ବାବଦରେ ଅଧିକ ଅର୍ଥରାଶି ଖର୍ଚ୍ଚ ଦର୍ଶାଇ କିଭଳି ଜିଲ୍ଲାପାଳଙ୍କ ତଦନ୍ତରୁ ଖସିଯିବେ ସେନେଇ ଆଉ ଏକ ପ୍ରୟାସ ମଧ୍ୟ କରିଥିବା ସୂଚନା ମିଳିଛି।

### ନିଆଁରେ ପୋଡ଼ିହୋଇ ମା' ମୃତ

# ସ୍ନେହରୁ ବଞ୍ଚିତ ଦୁଇ କୁନିପିଲା; ଉପାସରେ ପରିବାର

କେନ୍ଦ୍ରାପଡ଼ା, ୨୧।୩(ସମିସ)



ନିୟତିର ଇଏ କି ବିଚାର। ଦୁନିଆକୁ ବୁଝିବା, ଜାଣିବା ପୂର୍ବରୁ କାହିଁକି ଏତେ କଷ୍ଟ ଏହି ଦୁଇ ନିଷ୍ପାପ ଛୁଆଙ୍କ ଭାଗ୍ୟରେ ମିଳିଲା।ଚାଳ ଛପର ଘରର କାନ୍ଥ ଏପଟେ ମା'ର ମମତା ଆଉ କାନ୍ଥ ର ଅନ୍ୟପଟେ ମା'କୁ ଝୁରି ହେଉଥିବା ଦୁଇ ନିଷ୍ପାପ ଛୁଆ। ମା'ବଞ୍ଚିଥିବା ବେଳେ ବି ନଥିଲା ଏଭଳି। ନାଁ ମା'ପାଖକୁ ଯାଇପାରୁଥିଲେ, ନାଁ ମା'ର ସ୍ନେହ ଟିକକ ପାଇପାରୁଥିଲେ।କୁନି ପିଲା ଦୁହେଁ କେବଳ ମା'ର ଦେହ କେବେ ଭଲ ହେବ, ଆଉ ସେମାନେ ମା' ପାଖକୁ ଯାଇପାରିବେ ସେନେଇ ଅପେକ୍ଷା କରିଥିଲେ। ହେଲେ ମା ତାଙ୍କୁ ଛାଡି ସବୁଦିନ ପାଇଁ ଆରପାରିକୁ ଚାଲିଗଲେ। କୁନି ଝିଅ ବର୍ଷା ଆଖିରେ ଲୁହ ରହୁନି, ମା' କଥା ଭାବି ଭାବି ଶୁଖିଗଲାଣି। ମାସକର କୁନି ପୁଅ 'ପିୟୁଷ' ଦୁନିଆକୁ ଆସୁ ଆସୁ, ତା ମା'ର ସ୍ନେହ ପାଇବ କ'ଣ, ମା' ପାଖରୁ ଅମୃତ ସ୍ୱରୂପ କ୍ଷୀର ବି ଟିକେ ପାଇଲା ନାହିଁ। ଏହି ଦୁଇ ଛୁଆଙ୍କ ଉଭୟ 'ମା ' ସାଜିଛନ୍ତି ବାପା ବୈଦ୍ୟନାଥ।ଝିଅ ବର୍ଷାକୁ ଗାଧେଇଦେବା, ଡ୍ରେସ ପିନ୍ଧେଇବା, ଖୁଆଇବା ଠାରୁ ଆରମ୍ଭ କରି କୁନି ପୁଅକୁ ତା'ର ମା' ନାହିଁ ବୋଲି ଜଣେଇ ଦେଉନାହାନ୍ତି ବୈଦ୍ୟନାଥ। ବୈଦ୍ୟନାଥ ବାରିକ, ଘର ଇଚ୍ଛାପୁରସ୍ଥିତ ଜାଗୁଳାଇପଡ଼ା ଗ୍ରାମରେ। ଦିନ ମଜୁରିଆ କାମ କରି ପରିବାର ଚଳେଇବାକୁ ବି ଅସମର୍ଥ। ସ୍ତ୍ରୀ ଗୀତାଞ୍ଜଳିଙ୍କ ସହ ଛୋଟ ପରିବାରରେ କଷ୍ଟେ ମଷ୍ଟେ ଚଳିଆସୁଥିଲେ। ୩ ବର୍ଷର ଝିଅ ବର୍ଷା ପରେ ପରେ ଏଇ ମାସଟେ ହେବ ତାଙ୍କ କୋଳରେ ଭଗବାନ ଆଉ ଗୋଟିଏ ପୁଅ ଦେଇଥିଲେ। ପୁଅକୁ ମାତ୍ର ୧୩ ଦିନ ହୋଇଛି କି ନାହିଁ, ହଠାତ୍ ଗୀତାଞ୍ଜଳି ରୋଷେଇ କରୁଥିବା ସମୟରେ ଚୁଲିର ନିଆଁ ତାଙ୍କ ଲୁଗାରେ ଲାଗିଯିବାରୁ ଗୀତାଞ୍ଜଳିଙ୍କ ଶରୀର ଅଧପ୍ରତିଶତ ପୋଡିଯିବାରୁ ପ୍ରଥମେ କଟକ ବଡ଼ ଡାକ୍ତରଖାନା ଏବଂ ପରେ ଆସି କେନ୍ଦ୍ରାପଡ଼ାରେ ଚିକିତ୍ସିତ ହେଉଥିଲେ। ମାତ୍ର ଔଷଧ ଦେବାକୁ ବୈଦ୍ୟନାଥଙ୍କ ପାଖରେ ଅର୍ଥଟିଏ ନଥିଲା।ଯାହା ମାଗିଯାଚି ଆଣିଲେ ଡାକ୍ତରଖାନାରେ ଖର୍ଚ୍ଚ ହୋଇଯାଇଥିଲା। ହେଲେ ଗୀତାଞ୍ଜଳିଙ୍କୁ ଦରକାର ଥିଲା ଉନ୍ନତ ଚିକିତ୍ସା। ବୈଦ୍ୟନାଥ ତ ଦିନମଜୁରିଆ, ପ୍ରଚୁର ଟଙ୍କା ପାଇଲେ ନାହିଁ ବୋଲି ଅତ୍ୟାଧୁନିକ ଚିକିତ୍ସା କରିପାରିଲେ ନାହିଁ। ଏପଟେ ଦୁଇ ଦୁଇଟି ଛୁଆଙ୍କ ଅବସ୍ଥାକୁ ଦେଖି ଆହୁରି ଭାଙ୍ଗିପଡୁଛନ୍ତି ବୈଦ୍ୟନାଥ। ତଥାପି ତାଙ୍କର ମନ ବଳ ଭାଙ୍ଗିପଡ଼ିନି।ନିଜ ସ୍ତ୍ରୀକୁ ଟିକେ ଭଲ କରିଦେବାକୁ ସେ ଅନେକ ଲୋକଙ୍କୁ ଗୁହାରି କରୁଥିଲେ। ଯଦି ଗୀତାଞ୍ଜଳିଙ୍କୁ ଉନ୍ନତ ଚିକିତ୍ସା ପାଇଁ କିଛି ସାହାଯ୍ୟ ମିଳିଥାନ୍ତା ତେବେ ଏହି କୁନି କୁନି ଦୁଇ ଛୁଆ ପିୟୁଷ ଏବଂ ବର୍ଷା ନିଜ ମା ର ସ୍ନେହ ଟିକକ ପାଇପାରିଥାନ୍ତେ।ହେଲେ ଦଇବର ବିଚାର ଥିଲା କିଛି ଅଲଗା। ଆଜକୁ ୧୦ ଦିନ ହେଲା ଆରପାରିକୁ ଚାଲିଗଲା ମା ଗୀତାଞ୍ଜଳି। ଏହି ଦୁଃଖରେ ସମସ୍ତେ ଏବେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ବାପା ବୈଦ୍ୟନାଥ ଏବେ ପିଲା ଦୁହେଁକୁ ଛାଡ଼ି ମଜୁରୀ ଲାଗିବାକୁ ଯାଇପାରୁନାହାନ୍ତି।ଦୁଇ ପିଲାଙ୍କୁ ଛାଡ଼ି ଅନ୍ୟ କିଛି ସେ କରିପାରୁନାହାଁନ୍ତି। ଫଳରେ ସମସ୍ତଙ୍କୁ ଉପାସରେ ରହିବାକୁ ପଡୁଛି। ଅତି ଦୟନୀୟ ପରିସ୍ଥିତିରେ ସେ ଚାଲୁଥିବାରୁ ସହାୟତା ପାଇଁ ନିବେଦନ କରିଛନ୍ତି।

## ଶ୍ରୀରାମଚରିତ ମାନସ ଓ ନବାହ୍ନ ପାରାୟଣ ଉଦ୍‌ଯାପିତ

**ଡେରାବିଶ, ୨୧।୩ (ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣ ଶାସନ ଗ୍ରାମର ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ଲକ୍ଷେଶ୍ୱର କୃପା ପରିଷଦ ଆନୁକୂଲ୍ୟରେ ଆୟୋଜିତ ୩୨ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ନିମନ୍ତେ ନିକଟସ୍ଥ ଅସୁରେଶ୍ୱର ରଘୁନାଥଜୀଉ ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ଚଳିତ ମାସ ୧୧ ତାରିଖରେ ଯଜ୍ଞର ଶୁଭାଧିବାସ ହୋଇଥିଲା। ନବଦିନ ବ୍ୟାପୀ କାର୍ଯ୍ୟକ୍ରମର ପୂର୍ବାହ୍ନରେ ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଶ୍ରୀଜୀଉଙ୍କ ସ୍ନାନ, ବାଲ୍ୟଧୂପ ଇତ୍ୟାଦି କାର୍ଯ୍ୟ ସହିତ ପ୍ରତିଦିନ ସନ୍ଧ୍ୟାରେ ଶିବବିବାହ ଠାରୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାମାୟଣର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ମୋଟା ମଠର ମହନ୍ତ ଦିବାକର ଦାସ ମହାରାଜ ବ୍ୟାସ ଆସନରେ ଅଳଙ୍କୃତ ହୋଇଥିଲେ। ଯୁବ ପ୍ରବଚକ ଙ୍କ ଜ୍ୟୋତି ପ୍ରକାଶ ଦାସ, କାଳନ୍ଦୀ ଦାସ, ନିରଞ୍ଜନ ଦାସ ପ୍ରମୁଖ ରାମାମୃତ ଶ୍ରୋତାମାନଙ୍କୁ ଶୁଣାଇଥିଲେ। ପୂର୍ଣ୍ଣାହୁତିରେ ପଣ୍ଡିତ ଅଶ୍ୱିନୀ କୁମାର ଶତପଥି, ଲିଙ୍ଗରାଜ ମିଶ୍ର, ଅମ୍ବିକା ଶତପଥି ପ୍ରମୁଖ ଯୋଗଦେଇ ଯଜ୍ଞକାର୍ଯ୍ୟ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମର ଶ୍ରୀରାମଭକ୍ତ ଯୁବକମାନେ ପରିଚାଳନା କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଯୁବକ ମୃତ

**ପାରାଦୀପ, ୨୧।୩ (ସମିସ):** ରାସ୍ତା ପାର ହେଉଥିବା ବେଳେ ଜଣେ ଯୁବକ ଉପରେ ଚଢିଗଲା ଟ୍ରକ। ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଛି।ଏଭଳି ଘଟଣା ଘଟିଛି ପାରାଦୀପ ଉପକଣ୍ଠ ହାତୀ କଣ୍ଟା ସମ୍ମୁଖ ରାସ୍ତାରେ।ଘଟଣାରୁ ଜଣାଯାଏ ଆଜି ସନ୍ଧ୍ୟା ୭.୩୦ ସମୟରେ ହୋଟେଲ ଗୁଞ୍ଜନର ରୋଷେଇଆ ନଖିଆ ପାତ୍ର ହୋଟେଲକୁ ଆସିବାକୁ ରାସ୍ତା ପାର ହେଉଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା।ଘଟଣା ସ୍ଥଳରେ ସେ ରାସ୍ତା ଉପରେ ପଡିଯାଇଥିଲେ।ଟ୍ରକଟି ତାଙ୍କ ଉପରେ ଚଢ଼ି ଚାଲିଯାଇଥିଲା।ଖବର ପାଇ ଲକଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନେଇଥିଲେ।ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁଘୋଷଣା କରିଥିଲେ।ମୃତ ଯୁବକଙ୍କ ଘର କାକଟପୁର ଅଞ୍ଚଳରେ ହୋଇଥିବା ବେଳେ ସେ ଦୀର୍ଘ ଦିନ ହେବ ହାତୀ କଣ୍ଟା ସମ୍ମୁଖରେ ଥିବା ଗୁଞ୍ଜନ ହୋଟେଲରେ ରୋଷେଇଆ ଭାବେ କାର୍ଯ୍ୟ କରୁଥିଲେ।ସୂଚନା ଥାଉକି ଦୁଇ ଦିନ ପୂର୍ବରୁ ହୋଟେଲର ମାଲିକଙ୍କ ବାପାଙ୍କ ଦେହାନ୍ତ ହେବାରୁ ମାଲିକ ହୋଟେଲ ବନ୍ଦ ରଖିଥିଲେ।ରୋଷେଇଆଜଣଙ୍କ କୌଣସି କାମରେ ରାସ୍ତା ପାର ହୋଇ ହାତୀ କଣ୍ଟା ନିକଟକୁ ଯାଇ ହୋଟେଲକୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା।ତେବେ ପୁଲିସ ଶବ କୁ ଅଠରବାଙ୍କୀ ମେଡିକାଲରେ ରଖିଥିବା ବେଳେ ଆସନ୍ତା କାଲି ତାର ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯିବ ବୋଲିପୁଲିସ ପକ୍ଷରୁ ସୂଚନା ମିଳିଛି।ଦୁର୍ଘଟଣା ଘଟାଉଥିବା ଟ୍ରକଟି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛି।

## ମାଟିପାତ୍ର ହସ୍ତଶିଳ୍ପୀଙ୍କ ବିୟୋଗ

**ମାର୍ଶାଘାଇ,୨୧।୩(ସମିସ):** ମାର୍ଶାଘାଇ ବଜାର ନିକଟ କୁମ୍ଭାରସାହିର ବରିଷ୍ଠ ମାଟିପାତ୍ର ହସ୍ତଶିଳ୍ପୀ ମକର ବେହେରା (୯୫)ଙ୍କର ଗୁରୁବାର ସନ୍ଧ୍ୟାରେ ବିୟୋଗ ଘଟିଛି । ସେ ଜୀବନର ଶେଷ ପର୍ଯ୍ୟନ୍ତ ମାଟିପାତ୍ର ନିର୍ମାଣ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ । କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ହୋଇ ଶଯ୍ୟାଶାୟୀ ହୋଇଥିଲେ । ମାର୍ଶାଘାଇ ଶିବ ମନ୍ଦିର ନିକଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା କୁମ୍ଭକାର ସମାଜର ସମ୍ପାଦକ ବିଚିତ୍ରାନନ୍ଦ ବେହେରା, ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧକ୍ଷା ସ୍ନେହଲତା ବେହେରା,ୱାର୍ଡ ସଭ୍ୟ ଚନ୍ଦ୍ରକାନ୍ତ ବେହେରା, ଦିବାକର ବେହେରା, ସୁନୀଲ ବେହେରା, ସୁଢଳ ସାହୁ, ସର୍ବେଶ୍ୱର ବେହେରା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ବିଶ୍ୱ ପଖାଳ ଦିବସ ପାଳିତ



**ପାରାଦୀପ,୨୧।୩ (ସମିସ) :** ବିଶ୍ୱ ପଖାଳ ଦିବସ ପାରାଦୀପ ହୋଟେଲ ଏମ୍ପାୟାର୍ସ ପକ୍ଷରୁ ପାଳନ କରାଯାଇଛି।ଏହି ଅବସରରେ ହୋଟେଲ ପକ୍ଷରୁ ପଖାଳର ସମ୍ଭାର ପ୍ରଦର୍ଶିତ ହୋଇଥିଲା। ପଖାଳର ଉପକାରିତା ସମ୍ପର୍କରେ ହୋଟେଲ୍ର ସାଧାରଣ ପ୍ରବନ୍ଧକ ସନ୍ତୋଷ ମିଶ୍ର ସୂଚନା ଦେଇଥିଲେ। ପାରାଦୀପରେ ଥିବା ବିଭିନ୍ନ ରାଜ୍ୟର ଲୋକମାନେ ପଖାଳ ଉପରେ ସ୍ୱତନ୍ତ୍ର ରୁଚି ରଖିଥିବା କହିଥିଲେ। ସେ ସବୁକୁ ଦୃଷ୍ଟିରେ ରଖି ଏମ୍ପାୟାର୍ସ ପକ୍ଷରୁ ପଖାଳର ସ୍ୱତନ୍ତ୍ର ସମ୍ଭାର ଆୟୋଜନ କରାଯାଇଛି। ଉଭୟେ ଆମିଷ ଓ ନିରାମିଷ ପଖାଳ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ ବୋଲି ସେ କହିଥିଲେ। ହୋଟେଲର ସହ ପ୍ରବନ୍ଧକ ଏମ୍.ଏମ୍.ଖାନ୍, ଅଜଗର ଅଲ୍ଲି ପ୍ରମୁଖ ଉପସ୍ଥିତ ରହି ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

## ରାମଚରିତ ମାନସ ନବାହ୍ନ ପାରାୟଣ



**ବାଲିକୁଦା,୨୧।୩(ସମିସ):** ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ଓଟିନ୍ଦା ବିଦ୍ୟାଳୟ ନିକଟ ରାମଚରିତ ମାନସ ପଡିଆଠାରେ ପ୍ରତ୍ୟକ ବର୍ଷ ଭଳି ଚଳିତ ବର୍ଷ ରାମ ଚରିତ ମାନସ ନବାହ୍ନ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ୧୦୮ କଳସ ଶୋଭାଯାତ୍ରା ସମେତ ୧୦୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।ପରେ ରାମସୀତାଙ୍କ ବିବାହ ପଣ୍ଡିତମାନଙ୍କ ଉପସ୍ଥିତିରେ ବୈଦିକ ରୀତି ନୀତିରେ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ଅରୁଣ କୁମାର ମହାନ୍ତି ରାମ କଥା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ହନୁମାନ ଚାଳିଶା ପାଠ କରାଯାଉଥିବା ବେଳେ ରାମଙ୍କ ପ୍ରତ୍ୟେକ ଅବତାର ଉପରେ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ତ୍ତା ସନ୍ତୋଷ କୁମାର ସ୍ୱାଇଁ ଓ କର୍ତ୍ତି ଭାବେ ଲିଜା ରାଣୀ ସ୍ୱାଇଁ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବ୍ୟାସ ମହାରାଜଭାବେ ସନ୍ତୋଷ କୁମାର ବାହିନୀପତି ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ।ସେହିପରି ପୂଜକ ଭାବେ ପଣ୍ଡିତ ରତିକାନ୍ତ ସାମନ୍ତରା ଓ ସୌମ୍ୟ ରଞ୍ଜନ ମହାପାତ୍ର ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନା କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ମାଛଗାଁ ରାମଚରିତ ମାନସ କମିଟିର ସମସ୍ତ ସଦସ୍ୟ ସଦସ୍ୟା ପରିଚନା କରିବାରେ ସହାୟତା ପ୍ରଦାନ କରିଥିଲେ।

### ଜିଲ୍ଲାସ୍ତରୀୟ ବିଶ୍ୱ ଜଙ୍ଗଲ ଦିବସ

# ‘ବୃକ୍ଷ ନ ରହିଲେ ଜୀବଜଗତ ଲୋପ ପାଇଯିବ’

**ରଘୁନାଥପୁର,୨୧।୩(ସମିସ)**





୧୨ତମ ବିଶ୍ୱ ଜଙ୍ଗଲ ଦିବସ ପାଳନ ଅବସରରେ ଆଜି ରଘୁନାଥପୁର ବ୍ଲକ ଗୁଆଳିପୁର ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ଏକ ସଭାରେ କଟକ ବନଖଣ୍ଡ ଏସିଏଫ ଏ.ମାଧବିଲତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଜଙ୍ଗଲର ପ୍ରମୁଖ ଭୁମିକା ରହିଛି ଏବଂ ଏହାର ସୁରକ୍ଷା ହେଉଛି ମାନବ ଜାତିର ପ୍ରଧାନ କର୍ତ୍ତବ୍ୟ ବୋଲି କହିଥିଲେ। ଜଗତ୍‌ସିଂହପୁର ବନ୍ୟାଞ୍ଜଳ ଅଧିକାରୀ ରବିନାରାୟଣ ମହାନ୍ତି ଯୋଗଦେଇ ପ୍ରତ୍ୟେକ ଜନ୍ମଦିନରେ ବୃକ୍ଷ ଉପହାର ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇ ଶପଥ ପାଠ କରାଇଥିଲେ । ପ୍ରତିବର୍ଷ ବିଶ୍ୱ ଜଙ୍ଗଲ ଦିବସରେ ବୃକ୍ଷରୋପଣ କରିବା ପାଇଁ ଜନସଚେତନତା କରିବା ପାଇଁ କହିଥିଲେ । ଗଛର ଉପକାରିତା ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରିଥିଲେ । ଏଥିରେ ପରିବେଶ୍‌ବିତ୍ ବିଜୟକୁମାର ସ୍ୱାଇଁ ଯୋଗଦେଇ ବୃକ୍ଷ ନରହିଲେ ମାନବ ଜୀବ ଜଗତ ଲୋପ ପାଇଯିବ, ବୃକ୍ଷ ମନୁଷ୍ୟକୁ ଅମୃତ ପ୍ରଦାନ କରି ବିଷ ଗ୍ରହଣ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପଞ୍ଚାୟତର ମୁରବି ଜ୍ଞାନ ରଞ୍ଜନ ପଟ୍ଟନାୟକ ଯୋଗଦେଇ ବୃକ୍ଷବିନା ମଣିଷ ସମାଜ ବଞ୍ଚିବା ଅସମ୍ଭବ ବୋଲି କହିଥିଲେ।ତେଣୁ ବୃକ୍ଷର ଯତ୍ନ ନେବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଏହି ସଭାରେ ଆୟୁର୍ବେଦିକ ଡାକ୍ତର ଡଃ ଦେବଦତ୍ତସାମନ୍ତରାୟ, ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ବୃକ୍ଷ ହେଉଛି ଜୀବ ଜଗତର ସୁରକ୍ଷା କବଚ,ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତେ ଅତ୍ୟନ୍ତ ପକ୍ଷେ ଗୋଟିଏ ଗୋଟିଏ ଗଛ ଲଗାଇବା ଦରକାର ବୋଲି କହିଥିଲେ। ଏଥିରେ ପୂର୍ବତନ ଏନସିସି ଅଫିସର ରାଜ କିଶୋର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଜେନା ପୌରୋହିତ୍ୱ କରିଥିଲେ। ଶେଷରେ ଜଗତସିଂହପୁର ବନାଞ୍ଚଳ ଅଧୀକାରି ରବି ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ଉପଲକ୍ଷେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ନୃତ୍ୟ ଓ ତର୍କ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରିୟଦର୍ଶିନୀ ନାୟକ,ସୌମ୍ୟଶ୍ରୀ ପ୍ରଧାନ,ରାଜେଶ ମୁଣ୍ଡା, ଗାୟତ୍ରୀ ପ୍ରିୟଦର୍ଶିନୀ, ନିହାରିକା ସାମଲ ଓ ନିହାରିକା ସ୍ୱାଇଁଙ୍କୁ ମୁଖ୍ୟ ଅତିଥୀ ପୁରସ୍କୃତ କରିଥିଲେ।

## ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିଶସ୍ୟ ମାଣ୍ଡିଆ ଶୀର୍ଷକ ଆଲୋଚନାଚକ୍ର




**ଜଗତସିଂହପୁର,୨୧।୩(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନସାଫ ଆନୁକୁଲ୍ୟରେ ସ୍ଥାନୀୟ ମହିମା କଲେଜ ଅଫ୍ ନର୍ସିଂଠାରେ ସ୍ୱାସ୍ଥ୍ୟପାଇଁ ପୁଷ୍ଟି ଶସ୍ୟ ମାଣ୍ଡିଆ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଫିକୋ , ପାରାଦୀପ ବନ୍ଦର ପ୍ରଶାସନ ଓ ନେହେରୁ ଯୁବକେନ୍ଦ୍ର ମିଳିତ ସହଯୋଗରେ ଆୟୋଜିତ ଏହି ସଚେତନାତା ଧର୍ମୀ କାର୍ଯ୍ୟକ୍ରମକୁ ବର୍ଷିଆନ ଗାନ୍ଧିବାଦୀ ବଂଶୀଧର ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇନ୍‌ସାଫର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋଚକଭାବେ କୃଷି ବିଶାରଦ ରମେଶ ଚନ୍ଦ୍ର ଦାସ ,ଆୟୁରବେଦିକ ଚିକିତ୍ସକ ଦେବଦତ୍ତ ସାମନ୍ତରାୟ ଓ ସମ୍ମାନୀତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ , ନର୍ସ କଲେଜ ଅଧକ୍ଷା ଡ. ଖୁଲଣା କୁମାରୀ ଦେଇ , ନିର୍ଦ୍ଦେଶକ ଗଣେଷ ଚନ୍ଦ୍ର ମାଣିଆ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପାଇଁ ପୃଷ୍ଟି ଶସ୍ୟ ମାଣ୍ଡିଆର ଖାଦ୍ୟମୂଲ୍ୟ, ପୃଷ୍ଟିର ଗୁରୁତ୍ୱ ଓ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଜ୍ଞାନ ଶିକ୍ଷକ ସଞ୍ଜମ କିଶୋର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇନସାଫର ବୈଷୟିକ ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଦର୍ଶାଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଲେଟ ସମ୍ପର୍କରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୃଷ୍ଣଚନ୍ଦ୍ର ମଲ୍ଲିକ ବିଜେଡି ଜିଲ୍ଲା କମିଟି ଉପଦେଷ୍ଟା ମନୋନୀତ

**ତିର୍ତ୍ତୋଲ/ଜଗତସିଂହପୁର,୨୧।୩(ସମିସ)** ତିର୍ତ୍ତୋଲ ଅଞ୍ଚଳର ବିଜେଡି ନେତା କୃଷ୍ଣଚନ୍ଦ୍ର ମଲ୍ଲିକ ଜଗତସିଂହପୁର ଜିଲ୍ଲା କମିଟିର ଉପଦେଷ୍ଟା ଭାବେ ଆଜି ମନୋନୀତ ହୋଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ଇସ୍ତାହାରରେ ସୂଚନା ପ୍ରଦାନ କରିଛନ୍ତି। ଶ୍ରୀ ମଲ୍ଲିକଙ୍କୁ ଏହି ନୂତନ ଦାୟିତ୍ୱ ମିଳିବା ପରେ ସେ ଜିଲ୍ଲା କମିଟିକୁ ପରାମର୍ଶ ଦେବା ସହ ଜିଲ୍ଲାରେ ବିଜେଡିର ସାଙ୍ଗଠନିକ ସ୍ଥିତି ଆହୁରି ସଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, ‘୫-ଟି’ ଅଧକ୍ଷ ଭି କେ ପାଣ୍ଡିୟାନ ଓ ସାଙ୍ଗଠନିକ



ସମ୍ପାଦକ ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ପଞ୍ଚାୟତ ନିର୍ବାଚନରେ ଶ୍ରୀ ମଲ୍ଲିକ ତାଙ୍କ ସାଙ୍ଗଠନିକ ଦକ୍ଷତା ଜରିଆରେ କଂଗ୍ରେସ ଦଳର ଗଡ ଭାବେ ପରିଚିତ କୁଜଙ୍ଗ ପଞ୍ଚାୟତରେ ନିଜ ବୋହୂ ତଥା ବିଜେଡି ସମର୍ଥୀତ ସରପଞ୍ଚପ୍ରାର୍ଥିନୀ ନିବେଦିତା ମଲ୍ଲିକଙ୍କୁ ଜିତାଇବାରେ ସକ୍ଷମ ହୋଇଥିଲେ।

## ସାଗର ସ୍ମାରକୀ କ୍ରିକେଟ୍; ମାତୃଶକ୍ତି କ୍ଲବ୍ ଚାମ୍ପିଅନ୍

**ବାଲିକୁଦା,୨୧।୩ (ସମିସ):** ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତର ଶ୍ରୀବନ୍ତପୁର ମା’ ବୁଢ଼ୀ ଜାଗୁଳାଇ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସାଗର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଗାଦିବ୍ରହ୍ମ କ୍ଲବ୍‌କୁ ୪ ୱିକେଟ୍ ହରାଇ ମାତୃଶକ୍ତି କ୍ଲବ୍ ଚାମ୍ପିଅନ୍ ହୋଇଛି। ଗାଦିବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ମଧ୍ୟରେ ୯ ୱିକେଟ ହରାଇ ୫୬ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ୮ ଓଭରରେ ୬ ୱିକେଟ ହରାଇ ୫୭ ରନ କର ବିଜୟୀ ହୋଇଥିଲା। ଅପଣ୍ଡରା ଅଧିନାୟକ ମିଥୁନ ସେଠୀ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିବାବେଳେ ମ୍ୟାନ ଅଫ ଦି ସିରିଜ ଦଶବାଟିଆ ଅଧିନାୟକ ସରୋଜ ସ୍ୱାଇଁ ବିବେଚିତ ହୋଇଥିଲେ। ଜିତୁ ରାଉତ ଓ ସୁନୀଲ ଦାସ ଖେଳ ପରିଚାଳନା କରିଥିବାବେଳେ ବାଦଲ ରାଉତ ଓ ରାଜେଶ ରାଉତ ସ୍କୋରର ଥିଲେ। ମ୍ୟାଚ୍‌ର ଧାରା ବିବରଣୀ ପିଣ୍ଟୁ ମହାରଣା ଓ କାହ୍ନା ରାଉତ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସାଗରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାଗରଙ୍କ ପିତା ଶୈଳେନ୍ଦ୍ର ରାଉତ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ସମେତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବର ସଦସ୍ୟ ଧ୍ରୁବ ଦାସ, ବିକାଶ ରାଉତ, ପୁପୁଲ ଦାସ, ରାଜେଶ ସ୍ୱାଇଁ, ମଳୟ ରାଉତ, ବିଭୁତି ରାଉତ, ଯଦୁ ସ୍ୱାଇଁ, ପ୍ରେମା ମଲ୍ଲଙ୍କ ସମେତ ସମସ୍ତ ସଦସ୍ୟ ସହାୟତା କରିଥିଲେ।



## ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାରଣା

**ରଘୁନାଥପୁର, ୨୧।୩(ସମିସ)** ରୋଗୀ ମାନଙ୍କ କଲ୍ୟାଣ ପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ୫ଦଫା ଦାବୀ ନେଇ ଆଜି ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦଫା ଗୁଡିକ ମଧ୍ୟରେ ଏହି ସ୍ୱାସ୍ଥକେନ୍ଦ୍ରରେ ଥିବା ସମସ୍ତ ଡାକ୍ତରଙ୍କ ନାମ, ବିଭାଗ, ଦିନ, ସମୟ ଓ ଯୋଗାଯୋଗ ନମ୍ବର ସର୍ବସାଧାରଣରେ ପ୍ରକାଶ, ରାତ୍ରି ସମୟରେ ୨ଜଣ ଡାକ୍ତର ଓ ୨ଜଣ ନର୍ସଙ୍କ ଡ୍ୟୁଟି, ଡିଜିଟାଲ ବିପି ମେସିନ ହଟାଇ ମାନୁଆଲ ବିପି ମେସିନ ବ୍ୟବହାର, ଫେସିଆଲ ବାୟୋମେଟ୍ରିକ ଆଟେଣ୍ଡାନ୍ସ ଡିଭାଇସ ସଂଯୋଗ ଓ ନିଦାନ ବିଭାଗର ସଠିକ କାର୍ଯ୍ୟକୁ ଦାବୀକୁ ନେଇ ନିର୍ବାଚନୀ ଆଚରଣ ବିଧିକୁ ସମ୍ମାନ ଦେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସରିତ ମହାପାତ୍ର, ଗୋବିନ୍ଦ ଓଝା ଓ ଦେବୀ ପ୍ରସାଦ ମହାରଣା ଧାରଣା ଦେଇଥିଲେ। ପରେ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରନ୍‌ଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳାଇ ଓ ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଧାରଣା ସ୍ଥଳରେ ପହଞ୍ଚି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସମସ୍ତ ଦାବି ଗୁଡିକ ପୂରଣ କରାଯିବ ବୋଲି ଦୃଢ଼ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।




## ଏସଭିଏମ ମୁଖ୍ୟ କିରାଣିଙ୍କୁ ଅଧକ୍ଷଙ୍କ କାରଣ ଦର୍ଶାଅ ନୋଟିସ୍

**ଜଗତସିଂହପୁର,୨୧।୩(ସମିସ):** ଏସଭିଏମ ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ କିରାଣି ଭାଗବତ ମୁଦୁଲିଙ୍କ ବିଶୃଙ୍ଖଳିତ ଆଚରଣ ତଥା ସରକାରୀ କର୍ମଚାରୀଙ୍କ ଚାକିରୀ ଶୃଙ୍ଖଳା ନିୟମର ଉଲଂଘନ ପାଇଁ କଲେଜ ଅଧକ୍ଷ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡିଛି। ଗତ ମାର୍ଚ୍ଚ ୧୩ ତାରିଖ ଛୁଟିରେ ଥିବା ମୁଖ୍ୟ କିରାଣି ଭାଗବତ ମୁଦୁଲି ସନ୍ଧ୍ୟାରେ କଲେଜରେ ପହଞ୍ଚି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ସହିତ ଗଣ ମାଧ୍ୟମକୁ ଅନଧିକୃତ ଭାବେ ଅଧକ୍ଷଙ୍କ ବିରୋଧରେ ବୟାନ ଦେବାକୁ ନେଇ ତାଙ୍କ ଠାରୁ ନୋଟିସ ମାଧ୍ୟରେ ସ୍ପଷ୍ଟିକରଣ ମଗାଯାଇଛି। ଏସମ୍ପର୍କରେ କଲେଜର ଅଧକ୍ଷଙ୍କୁ ପଚାରିବାରୁ ସେ କହନ୍ତି, ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ପାଣି କ୍ୟାସିୟର ଥାଇ ଆର୍ଥିକ ଅନିୟମିତତା କରିଥିବାରୁ ଅଭିଯୋଗ କ୍ରମେ ମହାବିଦ୍ୟାଳୟର ପରିଚାଳନା ସମିତି ବୈଠକରେ ୧୯-୦୩ -୨୦୨୩ ରେ ତାଙ୍କୁ ନିଲମ୍ବନ କରିବାକୁ ପରିଚାଳନା ସମିତି ସିଦ୍ଧାନ୍ତ ଗ୍ରହଣ କରି ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମରେ ଅଧକ୍ଷ ଗତ ୬.୩.୨୦୨୪ରେ କରିଥିବା ନିଲମ୍ବନ ଆଦେଶ ଚିଠିକୁ ଶ୍ରୀ ପାଣିଙ୍କ ସହିତ କଲେଜର ମୁଖ୍ୟ କିରାଣି ଭାଗବତ ମୁଦୁଲି ଗ୍ରହଣ କରିନଥିଲେ। ଏହାର ଦୀର୍ଘ ୧ ସପ୍ତାହ ପରେ ଗତ ୧୩. ୩. ୨୦୨୪ରେ କଲେଜର ଜନୈକ ମିହିଳା କର୍ମଚାରୀ ଅଚେତ ହେବାକୁ ନେଇ ଏଥିପାଇଁ ଅଧକ୍ଷଙ୍କୁ ମୁଖ୍ୟ କିରାଣି ଶ୍ରୀ ମୁଦୁଲି ଦାୟୀ କରିବା ସହିତ ଗଣ ମାଧ୍ୟମକୁ ଅଧକ୍ଷଙ୍କ ବିରୋଧରେ ମତାମତ ଦେଇଥିଲେ। ଏହା ଜଣେ ବରିଷ୍ଠ କର୍ମଚାରୀଙ୍କ ସରକାରଙ୍କ ସର୍ଭିସ କଣ୍ଡକ୍ଟ ରୁଲ ଉଲଂଘନର ନମୁନା ବୋଲି ଅଧକ୍ଷ ବିଜୟ କୁମାର ପତ୍ର ପ୍ରକାଶ କରିଛନ୍ତି ।

### ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ନାଟକ ‘ସ୍ମୃତି ସନ୍ଧ୍ୟାରେ ନିସଙ୍ଗ ନାୟକ’ ମଞ୍ଚସ୍ଥ

**ପାରାଦୀପ, ୨୧।୩ (ସମିସ) :** ପ୍ରାଚୀନ ଉତ୍କଳର ଉତ୍କଳୀୟ ସଂସ୍କୃତି ଅତି ମହାନ। ଆଜି ପଲ୍ଲୀଠାରୁ ଦିଲ୍ଲୀ ସବୁଠାରେ ଉତ୍କଳୀୟକଳା ଓ ସଂସ୍କୃତି ଖ୍ୟାତ। କିନ୍ତୁ ଏହି ଉତ୍କଳୀୟ କଳାକୁ ବିଶ୍ୱ ଦରବାରରେ ସୁପରିଚିତ କରାଇବା ପଛରେ ଯେଉଁ କିଛି ବିଶେଷ ବ୍ୟକ୍ତି ମାନଙ୍କର ଅବଦାନ ଅଛି ସେମାନଙ୍କ ମଧ୍ୟରୁ ଅନନ୍ୟ ହେଉଛନ୍ତି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ। କ୍ୟାନମାସ ପାରାଦୀପ ଦ୍ୱାରା ଆୟୋଜିତ କାନଫେଷ୍ଟର ୩ୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ନାଟକ ନିସଙ୍ଗ ନାୟକ। ଶ୍ରୀମନ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ୟାନମାସ ଗ୍ରୁପ୍ ଦ୍ୱାରା ପର୍ଯ୍ୟବେସିତ ଏହି ନାଟକ ନିସଙ୍ଗ ନାୟକ ପ୍ରସିଦ୍ଧ କବି କାଳୀଚରଣ ପଟ୍ଟନାୟକଙ୍କ ଜୀବନୀ ଉପରେ ପର୍ଯ୍ୟବେସିତ। ଓଡ଼ିଶାର ସଂସ୍କୃତି କୁ ଅଗ୍ରଗତି କରାଇବାରେ କାଳୀଚରଣ କିପରି ମୁଖ୍ୟ ସାରଥୀ ସାଜିଥିଲେ ତାହା ଏହି ନାଟକରେ ଅତ୍ୟନ୍ତ ସୁନ୍ଦର ଭାବେ ଦର୍ଶାଯାଇଛି। ଓଡ଼ିଶାର ନୃତ୍ୟ କଳା, ସଙ୍ଗୀତ ଓ ବିଶେଷ ଭାବରେ ଓଡ଼ିଆ ନାଟକର ବିକାଶ ପାଇଁ କାଳୀଚରଣ କରିଥିବା ସଂଘର୍ଷର କାହାଣୀ ଦର୍ଶକଙ୍କ ହୃଦୟସ୍ପର୍ଶୀ ହୋଇଛି। ଜୀବନର ଚଲାପଥରେ ଅନେକ ବାଧା, ବିଘ୍ନର ସମ୍ମୁଖୀନ ହୋଇ ଆହତ ଅବସ୍ଥାରେ ମଧ୍ୟ ସେ କିପରି ଏକାକୀ ସଂଗ୍ରାମ କରିଛନ୍ତି ତାହା ଏହି ନାଟକର ପ୍ରତିଟି ଚରିତ୍ର ମାଧ୍ୟମରେ ଦର୍ଶାଯାଇଛି। ନାଟକକୁ ବୃତ୍ତିଗତ କରିବାରେ ତାଙ୍କର ଆମରଣ ସଂଘର୍ଷ ଦର୍ଶକଙ୍କୁ ବିମୋହିତ କରିଛି। ତାଙ୍କର ଏହି ସଂଘର୍ଷ ଓ ଏକାକିତାର ଚିତ୍ରକୁ ନିର୍ଦ୍ଦେଶକ ଶ୍ରୀମନ ନାଟକ ନିଷଙ୍ଗ ନାୟକର ପ୍ରତିଟି ଛବିରେ ଜୀବନ୍ତ ଭାବେ ଦର୍ଶେଇଛନ୍ତି। କଳା, ସାହିତ୍ୟ କ୍ଷେତ୍ରରେ କ୍ୟାରିୟର ସୃଷ୍ଟି କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଦର୍ଶକଙ୍କୁ ଏହା ନିହାତି ଭାବରେ ପ୍ରେରଣା ଯୋଗାଇବ ବୋଲି ନିର୍ଦ୍ଦେଶକ ଶ୍ରୀମନ କହିଛନ୍ତି। ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ର ଙ୍କ ସହ କାନମାସ ଗ୍ରୁପର ସମସ୍ତ ସଦସ୍ୟ ଏହି ନାଟକରେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି। କବି କାଳୀଚରଣଙ୍କ ଜୀବନ ସଂଘର୍ଷ ପ୍ରତ୍ୟେକ ଦର୍ଷକର ହୃଦୟକୁ ସ୍ପର୍ଶ କରିଛି। ଆଜି ୩ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ଟ୍ରାଫିକ ବିଭାଗର ଉପଦେଷ୍ଟା ଆଶିଷ ବୋଷ ଯୋଗ ଦେଇ କଳାକାର ମାନଙ୍କ ଜୀବନ୍ତ ଅଭିନୟକୁ ପ୍ରଶଂସା କରିବା ସହ ନିର୍ଦ୍ଦେଶକଙ୍କ ପ୍ରଚେଷ୍ଟା ଅନନ୍ୟ ତଥା ଉଚ୍ଚକୋଟୀର ବୋଲି କହିଛନ୍ତି।



## ଟଙ୍କା ସହ କାଗଜପତ୍ର ଫେରାଇଲେ ଆମ୍ବୁଲାନ୍ସ କର୍ମଚାରୀ

**ଜଗତସିଂହପୁର, ୨୧।୩(ସମିସ):** ଜଗତସିଂହପୁରରେ କାମ କରୁଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମହନୀୟ କାମ ଗୁରୁବାର ଦେଖିବାକୁ ମିଳିଛି । ରାସ୍ତାରୁ ଜରୁରୀ କାଗଜପତ୍ର, ଡାକ୍ତର ପ୍ରେସିକ୍‌ପିସନ, ଲୁଗାପଟା ଓ ନଗଦ ଅର୍ଥ ପାଇ ଏହାକୁ ହଜାଇଥିବା ଯୁବକଙ୍କୁ ଫେରାଇଥିବା ଜଣାପଡିଛି। ସୂଚନା ମୁତାବକ ଜଗତସିଂହପୁର ମୁଖ୍ୟଚିକିତ୍ସାଳୟର ଏକ ୧୦୮ ଆମ୍ବୁଲାନ୍ସ ଜରୁରୀ ରୋଗୀ ନେଇ କଟକ ବଡ଼ମେଡିକାଲ ଯାଉଥିବା ସମୟରେ ଜଗତସିଂହପୁର କଟକ ମୁଖ୍ୟରାସ୍ତାର ବସନ୍ତପୁର ନିକଟରେ ଏକ ବ୍ୟାଗ ପଡିଥିବାର ଦେଖି ସେଠାରେ ଆମ୍ବୁଲାନ୍ସ ଅଟକାଇ ଉକ୍ତ ବ୍ୟାଗଟିକୁ ଦେଖିଥିଲେ। ଉକ୍ତ ବ୍ୟାଗରେ କିଛି ଜରୁରୀ କାଗଜପତ୍ର ,ଡାକ୍ତର ପ୍ରେସ୍କିସନ ,ଲୁଗାପଟା ଓ ନଗଦ ଅର୍ଥ ଥିବାର ଦେଖିଥିଲେ। କାଗଜପତ୍ରରୁ ଏହା ବାଲିକୁଦା ବ୍ଲକ କଣିହା ଅଞ୍ଚଳର ସମ୍ବିତ ଦାସ ନାମକ ଜଣେ ଯୁବକର ହୋଇଥିବା ଜାଣି ତାଙ୍କ ସହିତ ଯୋଗାଯୋଗ କରିଥିଲେ । ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଉକ୍ତ ଯୁବକକୁ ୧୦୮ ଆମ୍ବୁଲାନ୍ସର କର୍ମଚାରୀ ସୌଭାଗ୍ୟ ସ୍ୱାଇଁ, ଶ୍ୟାମସୁନ୍ଦର ମହାପାତ୍ର ଓ ମାନସ ଭୋଇ ତାଙ୍କର ବ୍ୟାଗ ଫେରାଇଥିବାର ଜଣାପଡିଛି । ଯୁବକଜଣଙ୍କ ନିଜ ମୋଟର ସାଇକେଲରେ ବ୍ୟାଗଟିକୁ ଟଙ୍ଗେଇ ଯାଉଥିବା ସମୟରେ ବ୍ୟାଗଟି ବାଲିଆଷ୍ଟୋର ନିକଟରେ ଗଳି ପଡିଥିବା ନେଇ ସେ ସୂଚନା ଦେଇଛନ୍ତି । ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



■ ପାୱାର ଗ୍ରୀଡ୍‌ରେ ଅଗ୍ନିକାଣ୍ଡ

# ଧୂଆଁରେ ପରିବେଶ ଆକ୍ରାମାକ୍ରା



**କଣିହାଁ, ୨୧।୩(ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ ଟୋଲକବେଢ଼ା ଠାରେ ସ୍ଥାପିତ ପାୱାର ଗ୍ରୀଡ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍, କଣିହାଁ ଶାଖା ପରିସରରେ ଗୁରୁବାର ଧୂଆଁମୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଆଜି ପ୍ରାୟ ସାଢେ ଗୋଟାଏ ବେଳେ ପିଜିସିଆଇଏଲ୍ ଗ୍ରୀଡ୍ ର ସିଟି ଓ ପିଟିରେ ଅଗ୍ନିକାଣ୍ଡ ହୋଇ ଧୂଆଁମୟ ପରିବେଶ ସୃଷ୍ଟି ହୋଇଥିଲା। ୩୦ମିନିଟ୍ ଧରି ଧୂଆଁ ଓ ପରେ ନିଆଁ ଜଳିଥିଲା। ଫଳରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ପରିବେଶ ପାଲଟିଥିଲା ଆକ୍ରାମାକ୍ରା। ଏନେଇ ପିଜିସିଆଇଏଲ୍ ଅଧିକାରୀଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନଥିଲା। କମ୍ପାନୀ କର୍ତ୍ତୃପକ୍ଷଙ୍କ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ହୋଇଥିବା ଜଣାଯାଇଛି। ଗ୍ରୀଷ୍ମ ଦିନେ ଏଭଳି ଘଟଣା କେତେକାଂଶରେ ଘଟିଥାଏ, କିନ୍ତୁ ଆଜି ବର୍ଷାପାଗ ସତ୍ତ୍ୱେ ଏଭଳି ଘଟଣା ଘଟିବା ହିଁ ରକ୍ଷଣାବେକ୍ଷଣରେ ତ୍ରୁଟିକୁ ଦର୍ଶାଉଥିବା କୁହାଯାଇଛି।

## ଦୂଷିତ ବ୍ରାହ୍ମଣୀ ନଦୀ ଜଳ ଖଡ଼ଗପ୍ରସାଦ ଗ୍ରାମବାସୀଙ୍କ ଲାଗି କାଳ

# ପୁଣି ୧୧ ଝାଡ଼ାବାନ୍ତିରେ ଆକ୍ରାନ୍ତ

● ପାଞ୍ଚଦିନ ତଳେ ଶତାଧିକ ଆକ୍ରାନ୍ତ ହୋଇଥିଲେ

● ଗ୍ରାମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ୨୪ ଘଣ୍ଟିଆ କ୍ୟାମ୍ପ୍

**ଢେଙ୍କାନାଳ, ୨୧।୩ (ସମିସ)**

ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଖଡ଼ଗପ୍ରସାଦ ପାଟଣା ଗ୍ରାମରେ ପୁଣି ୧୧ ଜଣ ଗ୍ରାମବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖଡ଼ଗପ୍ରସାଦ ପାଟଣା ଗ୍ରାମରେ ଗତ ୫ଦିନ ହେବ ଦୂଷିତ ବ୍ରାହ୍ମଣୀ ନଦୀ ଜଳ ପିଇ ଗ୍ରାମର ଶତାଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୮୦ଜଣ ପେଟଜନିତ ରୋଗରେ ପୀଡ଼ିତ ହୋଇ ଜିଲ୍ଲାର ବିଭିନ୍ନ ଚିକିତ୍ସାଳୟରୁ ଚିକିତ୍ସିତ ହେବା ସହିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗୁରୁବାର ପୂର୍ବାହ୍ନରେ ପୁନର୍ବାର ୧୦ ଜଣ ରୋଗୀ ସ୍ଥାନୀୟ ମେରାମଣ୍ଡଳୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଶିଶୁକୁ ଚିକିତ୍ସା କରାଯାଉଛି। ଖଡ଼ଗପ୍ରସାଦ ପାଟଣା ଗ୍ରାମରେ ଗ୍ରାମବାସୀ ବ୍ରାହ୍ମଣୀ ନଦୀର ଜଳକୁ ବ୍ୟବହାର କରିଥିବା ଯୋଗୁ ଏହି ପେଟଜନିତ ରୋଗ ସୃଷ୍ଟି ହୋଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିବାର ଜଣାପଡ଼ିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମରେ ଏକ ଅସ୍ଥାୟୀ ୨୪ ଘଣ୍ଟିଆ କ୍ୟାମ୍ପ କରାଯାଇ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି। ଗ୍ରାମର ଏକ ନଳକୂପ ଦୂଷିତ ହୋଇଥିଲା, ତାକୁ ବିଭାଗ ପକ୍ଷରୁ ଠିକ୍ କରାଯାଇ କାର୍ଯ୍ୟକାରୀ କରାଯାଇଛି। ସେହିପରି ଗ୍ରାମ ନିକଟସ୍ଥିତ ବ୍ରାହ୍ମଣୀ ନଦୀରେ ରେଙ୍ଗାଳୀ କେନାଲର ପାଣି ପ୍ରବେଶ କରିବା ସହିତ ନିକଟସ୍ଥିତ କଳ କାରଖାନାର ବର୍ଜ୍ୟବସ୍ତୁ ଏହି ବ୍ରାହ୍ମଣୀ ନଦୀରେ ମିଶିଥିବା ଯୋଗୁ ଗ୍ରାମବାସୀ ଏହି ପାନୀୟ ଜଳ ପିଇ ଝାଡ଼ାବନ୍ତି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।

## ନାରୀଶକ୍ତି ବନ୍ଦନ ଯାତ୍ରା

**କିଶୋରନଗର, ୨୧।୩ (ସମିସ):** ଆଠମଲ୍ଲିକ ଉପଖଣ୍ଡ ଅଏଡ଼ାଠାରେ ବିଜେପି ତରଫରୁ ନାରୀ ଶକ୍ତି ବନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସଂଜୀବ କୁମାର ସାହୁ, ବରିଷ୍ଠ ବିଜେପି ନେତା ଭାଗୀରଥି ପ୍ରଧାନ, ଭବାନୀ ଜ୍ୟୋତିଷ ରାୟ, ଅର୍ଜୁନ କୁମାର ସାହୁ ପ୍ରମୁଖ ଯୋଗଦେଇ ବିକଶିତ ଭାରତ ଗଢ଼ିବା, ଘର ସହ ଦେଶ ଗଠନରେ ନାରୀଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ନେତ୍ରୀ ଓ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ।



## ‘ଘର ହିଁ ବିଦ୍ୟାଳୟ’ କାର୍ଯ୍ୟକ୍ରମ

**ଢେଙ୍କାନାଳ, ୨୧।୩(ସମିସ):** ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଧଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁବାଟିକା ଯୋଜନାରେ ଘର ହିଁ ପ୍ରକଳ୍ପ ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡାପଡ଼ା ସଙ୍କୁଳ ପ୍ରମୁଖ ଅଶୋକ କୁମାର ମହାରଣା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କୁ ଗଢ଼ିତୋଳିବାରେ ମାଆ ଓ ପରିବାରର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ାପଡ଼ା ପୂର୍ବତନ ସଙ୍କୁଳ ପ୍ରମୁଖ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଘନଶ୍ୟାମ ସାମଲ ସମ୍ମାନୀତ ଅତିଥି ଏବଂ କାମାକ୍ଷାନଗର ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ପ୍ୟାରିମୋହନ ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଅଭିଭାବକ ମାନଙ୍କୁ ଔପଚାରିକ ଶିକ୍ଷାଓ ଅନଔପଚାରିକ ଶିକ୍ଷା, କ୍ରୀୟାକଳାପ ମାଧ୍ୟମରେ ବିଷୟ ଶିକ୍ଷା, ଘରେ ଏବଂ ଶିଶୁ ବାଟିକାର ସମନ୍ୱୟ ପୂର୍ଣ୍ଣ ସଂସ୍କାରକ୍ଷମ ଏବଂ ଶ୍ରଦ୍ଧାଯୁକ୍ତ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶଚନ୍ଦ୍ର ମିଶ୍ର ଅତିଥି ପରିଚୟ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତିର ଶିଶୁ ବାଟିକା ସଦସ୍ୟା ସ୍ୱର୍ଣ୍ଣଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

## ଡିଆଇଇଟିରେ ସିଆର୍‌ସିସିଙ୍କ ସମୀକ୍ଷା ବୈଠକ



**ଢେଙ୍କାନାଳ, ୨୧।୩(ସମିସ):** ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କର ଦ୍ୱିମାସିକ ସମୀକ୍ଷା ବୈଠକ ଶେଷ ହୋଇଛି। ପ୍ରଥମ ଦିନରେ ସଦର, ଓଡ଼ାପଡ଼ା, ହିନ୍ଦୋଳ ଓ ଗନ୍ଦିଆ ବ୍ଲକରୁ ୬୬ ଜଣ ସିଆରସିସି ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିନରେ କାମାକ୍ଷାନଗର, ପରଜଙ୍ଗ, ଭୁବନ ଓ କଙ୍କଡ଼ାହାଡ଼ ବ୍ଲକର ୬୪ ଜଣ ସିଆରସିସି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସ୍ଲାସ, ଅଭିନ୍ନ ଶିକ୍ଷାଶାସ୍ତ୍ର, ଆସେସମେଣ୍ଟ ଟ୍ରାକର ଓ ସକାରାତ୍ମକ ଅଭ୍ୟାସ ପ୍ରସଙ୍ଗରେ ଶିକ୍ଷକ ପ୍ରଶିକ୍ଷକ ସ୍ନେହଲତା ରାଜ, ସ୍ୱାଗତିକା ସରଣ, ସ୍ୱାଗତିକା ସ୍ୱାଇଁ ଓ ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନର ପ୍ରତିନିଧି ସମ୍ବିତ ମିଶ୍ର ଓ ପ୍ରତୀକ ରଞ୍ଜନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରିଣୀ ବିନିତା ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ କରାଇବାକୁ ଯାଇ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ସୁନିଶ୍ଚିତ କରିବା ଲାଗି ସିଆରସିସିଙ୍କ ଭୂମିକା ଉପରେ ଆଲୋକପକ୍ଷତ କରିଥିଲେ। ଶେଷରେ ଶିକ୍ଷକ ପ୍ରଶିକ୍ଷିକା ବିନ୍ଦୁ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଚତୁର୍ଥ ଓଡ଼ିଶା ନଦୀ ସମ୍ମିଳନୀ

## ସରୋଜଙ୍କୁ ପ୍ରଥମ ଜଳଯୋଦ୍ଧା ସମ୍ମାନ ପ୍ରଦାନ

**ଅନୁଗୋଳ୨୧।୩(ସମିସ):** ଅନୁଗୋଳ ପଞ୍ଚମହଲ ସ୍ଥିତ ହୋଟେଲରେ ଆଜି ଦୁଇଦିନିଆ ଚତୁର୍ଥ ଓଡ଼ିଶା ନଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀକୁ ବିଶିଷ୍ଟ ଗାନ୍ଧୀବାଦୀ ଓ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ଉଦଘାଟନ କରିଥିଲେ। ୱାଟର ଇନିସିଏଟିଭ ଓଡ଼ିଶାର ମୁଖ୍ୟ ରଂଜନ ପଣ୍ଡା ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଏଫ୍‌ଇଏସର ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱପ୍ନ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ବିଶାଖା ଭଞ୍ଜ, ଆଇନାର ସମ୍ପାଦିକା ସ୍ନେହ ମିଶ୍ର, ମହାରାଷ୍ଟ୍ର ଜୀବିତ ନଦୀ ସଂସ୍ଥାର ଶୁଭା ସାଗର କୁଲକର୍ଣ୍ଣି ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତବର୍ଷର ପ୍ରଥମ ଜଳଯୋଦ୍ଧା ସମ୍ମାନ ସମ୍ବଲପୁରର ସରୋଜଙ୍କୁ ପ୍ରଦାନ କରାଯାଇଥିବା ବେଳେ ‘ଆଜିର ଭଗୀରଥ ସମ୍ମାନ’ କନ୍ଧମାଳ ଜିଲ୍ଲାର ବୁଢ଼ନପିପଲୀ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା କମିଟି ଏବଂ ଅନୁଗୋଳର ଉର୍ମିଳା ବେହେରାଙ୍କୁ ପ୍ରଥମ ଜାତୀୟ ସ୍ତରୀୟ ଯୁଥ ଫର ୱାଟର ‘ଜଳ ଓ ପରିବେଶ ପ୍ରଭାବ ସମ୍ମାନ’ ପ୍ରଦାନ କରାଯାଇଥିଲା। ୱାଟରଏଡ୍ ଇଣ୍ଡିଆର ଓଡ଼ିଶା ମୁଖ୍ୟ ଅନୁରାଗ ଗୁପ୍ତାଂକ ପୌରୋହିତ୍ୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ତମ୍ଭକାର ତଥା ବିଶିଷ୍ଟ ଚାଷୀ ସରୋଜ ମହାନ୍ତି ଓ ଅର୍ଦ୍ଧେନ୍ଦୁ ଚାଟାର୍ଜୀ ପ୍ରମୁଖ ବକ୍ତବ୍ୟ ବିଭିନ୍ନ ରଖିଥିଲେ। ଜଳ ଜୀବନ ସମ୍ପର୍କିତ ୩ଟି ଚଳଚ୍ଚିତ୍ରର ପ୍ରଦର୍ଶନୀ ପରେ ପ୍ରଥମ ଦିନର କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଦୀପକ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଧର୍ମଶାଳା, ୨୧। ୩ (ସମିସ):** ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅନ୍ତର୍ଗତ କୋତପୁର ଗ୍ରାମ ନିକଟସ୍ଥ କେଲୁଅ ନଦୀ ପଠାରୁ ଆଜି ସକାଳେ ପୁଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। କୁଆଖିଆ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ସୁଶାନ୍ତ ପଣ୍ଡା (୪୩) ଗତକାଲି ନିଜ ଶଶୁର ଘର କୋତପୁର ଗ୍ରାମର ଚୈତନ୍ୟ ଦାସଙ୍କ ଘରକୁ ଆସିଥିଲେ। ତେବେ ରାତିରେ ଘରକୁ ଯାଉଛନ୍ତି କହି ସେ ଶଶୁର ଘରୁ ଚାଲିଆସି କେଲୁଅ ନଦୀପଠାରେ ବେକରେ ରଶି ଲଗାଇ ଏକ ଗଛରେ ଝୁଲିପଡ଼ି ଆତ୍ମହତ୍ୟା କରିଛନ୍ତି। ସକାଳୁ ସ୍ଥାନୀୟ ଲୋକେ ଦେଖି ତାଙ୍କ ଶଶୁର ଘରକୁ ଜଣାଇବା ପରେ ଶଶୁର ଘର ଲୋକେ ସେଠାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିବା ସହ ପୁଲିସକୁ ଖବର ଦେଇଥିଲେ। କୋତପୁର ଫାଣ୍ଡି ପୁଲିସ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି।

## ଫଗୁ ଦଶମୀରେ ଲକ୍ଷ୍ମୀନୃସିଂହଙ୍କ ଚାଟେରୀ ବେଶ

**ବାଲିଚନ୍ଦ୍ରପୁର, ୨୧।୩(ସମିସ):** ଆଜି ଫଗୁ ଦଶମୀରେ ଲକ୍ଷ୍ମୀ ନୃସିଂହ ଚାଟେରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଆମ୍ବସୌରୀ-ପତରାଜପୁର ଗ୍ରାମର ନୃସିଂହ ପରମାଣିକଙ୍କ ଲକ୍ଷ୍ମୀ ନୃସିଂହ ବିମାନରେ ଚାଟରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଚନ୍ଦନ, କର୍ପୁର, ଅତର, ଅଗୁରରେ ଲେପନ କରାଯାଇ ଶ୍ରୀଜୀଉଙ୍କୁ ନୂଆ ବସ୍ତ୍ର ପରିଧାନ କରାଯାଇଥିଲା। ଅଳଙ୍କାର, ସ୍ୱର୍ଣ୍ଣ କୁଣ୍ଡଳ ପିନ୍ଧାଯାଇ ସୁସଜ୍ଜିତ ବିମାନରେ ଶଙ୍ଖ, ହୁଳହୁଳି, ଘଣ୍ଟ ନାଦରେ ବିମାନକୁ ନିଆଯାଇଥିଲା। ଏହାପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମନ୍ଦିର ପୂଜକ ଲିଙ୍ଗରାଜ କର ଲକ୍ଷ୍ମୀ ନୃସିଂହ ବିମାନରେ ଜୀଉଙ୍କୁ ପୂଜାର୍ଚ୍ଚନା ଓ ଆଳତି କରି ଭୋଗ ଲାଗି କରିଥିଲେ। ଏହି ସମୟରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁଙ୍କୁ ଶ୍ରୀଜୀଉଙ୍କ ମଥାରେ ଅବିର ଲେପନ କରାଯାଇଥିଲା। ଏହାପରେ ବିମାନ ଶୋଭାଯାତ୍ରାରେ ଗ୍ରାମ ଦେବତୀ ବୁଢ଼ୀ ଜାଗୁଳାଇ ଠାକୁରାଣୀ ସମ୍ମୁଖରେ ଅଧିଷ୍ଠାନ ପରେ ଶ୍ରୀଜୀଉଙ୍କ ବିମାନରେ ଚାଟେରୀ ବେଶ ଶୋଭାଯାତ୍ରାରେ ବାହାରି ପତରାଜପୁର ଗ୍ରାମର ବିଜୟ ପରମାଣିକଙ୍କ ଦାଣ୍ଡରେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଭୋଗ ଲାଗି ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିରକୁ ବିଜେ କରିଥିଲେ। ଆଗାମୀ ୨୭ ତାରିଖ ଚୈତ୍ର କୃଷ୍ଣପକ୍ଷ ଦ୍ୱିତୀୟା ତିଥି ରାତ୍ରରେ ବାଲିଚନ୍ଦ୍ରପୁର ଶ୍ରୀଜଗନ୍ନାଥ ହାଟ ମେଳଣକୁ ଶୋଭାଯାତ୍ରାରେ ଯାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପୂଜକ ଶ୍ରୀ କର ସୂଚନା ଦେଇଥିଲେ। ଏହି ଚାଟେରୀ ବେଶ ପରିଚାଳନାରେ ସୁକାନ୍ତି ପରମାଣିକ, ପର୍ଶୁରାମ ପରମାଣିକ, ଅନନ୍ତ ସେଠୀ, ରମାକାନ୍ତ ବାରିକ, ପ୍ରମୋଦ କୁମାର ସିଂ, ସରୋଜ କୁମାର ସିଂ, ତପନ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ।

## ବନ୍ଧୁଘରକୁ ଯାଇଥିବା ଯୁବକଙ୍କ ଅକାଳ ମୃତ୍ୟୁ

**ଦଶରଥପୁର, ୨୧।୩ (ସମିସ):** ୨ ଦିନ ତଳେ ବାପାଙ୍କ ପିଲା ଦିନର ସାଙ୍ଗ ଘରକୁ ବୁଲିବାକୁ ଯାଇଥିବା ଜଣେ ଯୁବକଙ୍କ ଅକାଳ ମୃତ୍ୟୁକୁ ନେଇ ଦଶରଥପୁର ଥାନା ଚମ୍ପେଇପାଳ ପଞ୍ଚାୟତର ବରିଆନା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଘରର ଏକମାତ୍ର ପୁଅକୁ ହରାଇ ବାପା ଓ ମାଆ ବାରମ୍ବାର ଚେତା ହରାଇ ବସୁଥିବାବେଳେ ଗ୍ରାମବାସୀ ଶୋକରେ ବୁଡ଼ି ରହିଛନ୍ତି।
ଦଶରଥପୁର ଥାନା ବରିଆନା ଗ୍ରାମର ପ୍ରବୋଧ ସାମଲଙ୍କ ୨୨ ବର୍ଷର ପୁଅ ହିତେଶ ସାମଲ ୧୯ ତାରିଖ ମଙ୍ଗଳବାର ସକାଳୁ ଘରୁ ବାହାରି ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରେ ବହୁଥିବା ବାପା ପ୍ରବୋଧ ସାମଲଙ୍କ ପିଲା ଦିନର ସାଙ୍ଗ ଘରକୁ ବୁଲିବାକୁ ଯାଇଥିଲେ। ବୁଧବାର ଦିନ ତମାମ ସେଠାରେ ଥିବା ସାଙ୍ଗଙ୍କ ସହ ବୁଲାବୁଲି କରିଥିବାବେଳେ ଗୁରୁବାର ସ୍ଥାନୀୟ ୩ ଜଣ ସାଙ୍ଗଙ୍କ ସହିତ ଉମରକୋଟ ବେହେଡ଼ା ଅଞ୍ଚଳରେ ଥିବା ଖଡ଼ଗା ଡ୍ୟାମକୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗଙ୍କ ସହିତ ମିଳି ମିଶି ଡ୍ୟାମରେ ଗାଧୋଉଥିବାବେଳେ ହିତେଶ୍ଙ୍କ ସମେତ ୩ ଜଣ ସାଙ୍ଗ ଅଥଳ ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ପର୍ଯ୍ୟଟକ ସମସ୍ତଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ହିତେଶଙ୍କୁ ଛାଡ଼ି ଅନ୍ୟ ସମସ୍ତ ୩ ଜଣଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ହିତେଶଙ୍କ ପତ୍ତା ମିଳି ନ ଥିଲା। ଉମରକୋଟ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି ପରେ ମୃତ ଅବସ୍ଥାରେ ହିତେଶଙ୍କୁ ଉଦ୍ଧାର କରିଥିଲା।

### ୨୦୧୨ ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ସମସ୍ତ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ; ଜରିମାନା ନିର୍ଦ୍ଦେଶ

**ଗଁଦିଆ,୨୧।୩(ସମିସ)**

ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ପିଙ୍ଗୁଆ ଗ୍ରାମରେ ଗତ ୨୦୧୨ ମସିହାରେ ସଂଘବଦ୍ଧ ଆକ୍ରମଣ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେବା ସହିତ ସମସ୍ତଙ୍କୁ ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୨ମସିହା ଫେବୃୟାରୀ ୧୮ ତାରିଖ ଦିନ ଅଭିଯୋଗକାରୀ ଗୋବର୍ଦ୍ଧନ ସାହୁ ନିଜ ଘର କାମରେ ମିସ୍ତ୍ରିମାନଙ୍କୁ ସହଯୋଗ କରୁଥିବା ବେଳେ ଚନ୍ଦ୍ରମଣି ସାହୁ (୬୨), ଦିପୁନା ସାହୁ (୩୪), ଶ୍ରୀଧର ସାହୁ( ୩୨), ମନ୍ଦାର ସାହୁ (୫୨), ମଙ୍ଗୁଲୁ ସାହୁ( ୩୨) ପ୍ରମୁଖ ସଂଘବଦ୍ଧ ଭାବରେ ଏକ ମୋଟା ପାଣି ପାଇପରେ ଗୋବର୍ଦ୍ଧନ ସାହୁଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କ ପତ୍ନୀ ଆସି ଛଡ଼ାଇବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତ ମାନେ ଆକ୍ରମଣ କରିଥିଲେ। ଫଳରେ ଉଭୟ ସ୍ୱାମୀ- ସ୍ତ୍ରୀ ଆହତ ହୋଇଥିଲେ। ସେହିଦିନ ଅଭିଯୋଗକାରୀ ନିହଲପ୍ରସାଦ ଥାନାରେ ଏତଲା ଦେଇଥିଲେ। ଏହାକୁ ନେଇ ଥାନାରେ ଭାରତୀୟ ପିଙ୍ଗଳ କୋଡର ଦଫା ୧୪୭/ ୧୪୮/୪୪୮/୨୯୪/୩୨୩/୩୫୪/୧୪୯ ରେ ପିଏସକେସ ନମ୍ବର ୧୬/୨୦୧୨ ରୂପେ ରୁଜୁ ହୋଇଥିଲା। ମାମଲାର ତଦନ୍ତ ସରିବା ପରେ ତାହା ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଜି. ଆର.୨୦୪/୨୦୧୨ ରୂପେ ବିଚାରଧୀନ ଥିଲା। ଏହି ସଂଘବଦ୍ଧ ଆକ୍ରମଣ ମାମଲାର ବିଚାର କରି ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ସାଗର ପ୍ରଧାନ ଆଜି ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସମୁଦାୟ ୭ଜଣ ସାକ୍ଷୀ, ୬ଟି ଦସ୍ତାବିଜ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରମାଣ ଆଧାରରେ ଉକ୍ତ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଦଫା ୧୪୭ ନିମନ୍ତେ ୭୦୦ଟଙ୍କା, ଦଫା ୩୨୩ ନିମନ୍ତେ ୯୦୦ ଟଙ୍କା ଏବଂ ଦଫା ୪୪୮ ନିମନ୍ତେ ୮୦୦ ଟଙ୍କା ଏହିପରି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୨୪୦୦ ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ କାରା ଭୋଗିବା ନିମନ୍ତେ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହା ମାମଲାଟିକୁ ସରକାରଙ୍କ ତରଫରୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରୁଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷାପ୍ରସାଦ ରଣା ସହଯୋଗ କରିଥିଲେ।

## ଶିକ୍ଷକଙ୍କ ଅକାଳ ବିୟୋଗ

**କିଶୋରନଗର ୨୧।୩(ସମିସ)**



କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗ୍ରାମର ଶିକ୍ଷକ ଅରବିନ୍ଦ ବିଶ୍ୱାଳଙ୍କ ଆଜି ହାଇଦ୍ରାବାଦ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା। ତାଙ୍କର ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଭୁବନେଶ୍ୱର ଓ ପରେ ହାଇଦ୍ରାବାଦ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶ୍ରୀ ବିଶ୍ୱାଳ ଜଏରାଟ ପଞ୍ଚାୟତର କରମଲକଟା ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଏପରି ହଠାତ୍ ମୃତ୍ୟୁ ଖବର ପାଇ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମରଶରୀରକୁ ହାଇଦ୍ରାବାଦରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ନିଜ ଗାଁକୁ ଅଣାଯାଇଥିବା ଜଣାପଡିଛି।

